## ହଷ୍ଟେଲରେ ଅନ୍ତେବାସୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ବାରିପଦା, ୫।୨(ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ପାନ୍ଦଡା ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟଦେହକୁ ସୋମବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଝାରପୋଖରିଆ ଥାନା କାଶିଆବେଡା ଗ୍ରାମ ଛୋଟରାୟ ମାରାଣ୍ଡିଙ୍କ ୮ ବର୍ଷର ଝିଅ ସୌଦାମିନୀ ମାରାଣ୍ଡି ହଷ୍ଟେଲରେ ରହି ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଭୁଲ ଔଷଧ ଖାଇ ରବିବାର ହଷ୍ଟେଲରେ ଅସୁସ୍ଥ ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିସହିତ ଅନ୍ୟ ୬ଜଣ ଅସୁସ୍ଥ ହୋଇ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସୋମବାର ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଦିବାସୀ ସେଙ୍ଗେଲ ଅଭିଯାନର ସଦସ୍ୟ ଓ ଛାତ୍ରୀର ପରିବାର ଲୋକେ ବିଭିନ୍ନ ଦାବି ନେଇ ଝାରପୋଖରିଆଠାରେ ଶବ ରଖି କିଛି ସମୟ ପାଇଁ ଜାତୀୟ ରାଜପଥ ଅବରୋଧ କରିଥିଲେ। କ୍ଷତିପୂରଣ ବାବଦରେ ୨୦ଲକ୍ଷ ସହାୟତା ରାଶି, ପରିବାର ଲୋକଙ୍କୁ ଚାକିରି ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ତେବେ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ବିଦ୍ୟାଳୟ ଉନ୍ନୟନ ପାଣ୍ଠିରୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ଏଥିସହିତ ଅଧିକ ସହାୟତା ନିମନ୍ତେ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରାଯାଇଥିବା ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ କହିଛନ୍ତି। ଏହି ଘଟଣାକୁ ନେଇ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶରେ ଗଠିତ




ଏକ ତଦନ୍ତ କମିଟି ତଦନ୍ତ କରୁଛି। କମିଟିର ରିପୋର୍ଟ ଆସିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ରବିବାର ରାତିରେ ନିଜେ ଜିଲ୍ଲାପାଳ ଶ୍ରୀ ଠାକରେ ଓ ଏସପି ଏସ ସୁଶ୍ରୀ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ପହଞ୍ଚି ଅନ୍ୟ ୬ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ହଷ୍ଟେଲକୁ ଏକ ଡାକ୍ତରୀ ଦଳ ମଧ୍ୟ ଯାଇ ଅନ୍ତେବାସିନୀଙ୍କ ସ୍ୱାସ୍ଥ ପରୀକ୍ଷା କରିଛନ୍ତି। ତେବେ ଅସୁସ୍ଥ ଛାତ୍ରୀମାନେ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ହଷ୍ଟେଲ ଛାତ୍ରୀଙ୍କ ଶରୀର ଅସୁସ୍ଥ ଥିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ବିନା ଡାକ୍ତରଙ୍କ ପରାମର୍ଶରେ ଔଷଧ ଦେଇଥିଲେ। ତେବେ ରୋଗ ଉପଶମ ପରିବର୍ତ୍ତେ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଯାଇଥିଲା। ଛାତ୍ରୀ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ନିକଟସ୍ଥ ଶିର୍ଷା ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୬ଜଣ

**■ ବିଦ୍ୟାଳୟ ଉନ୍ନୟନ ପାଣ୍ଠିରୁ ମୃତକ ପରିବାରକୁ ମିଳିବ ୨ ଲକ୍ଷ ସହାୟତା ରାଶି**

ଅସୁସ୍ଥ ଛାତ୍ରୀଙ୍କୁ ମଧ୍ୟ ପରବର୍ତ୍ତୀ ମୂହୁର୍ତ୍ତରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଥିଲା। ମୃତ ଛାତ୍ରୀଙ୍କ ବାପା ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଝିଅର ଜୀବନ ଯାଇଛି ବୋଲି ଅଭିଯୋଗ କରିଥିଲେ।

**ପ୍ରଧାନ ଶିକ୍ଷକ ନିଲମ୍ବିତ ଓ ୱାର୍ଡେନ ବହିଷ୍କୃତ**

ହଷ୍ଟେଲରେ ଛାତ୍ରୀ ମୃତ୍ୟୁ ଘଟଣାରେ ହଷ୍ଟେଲ ୱାର୍ଡେନ ଜିରାମଣି ସିଂଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘୋଷଙ୍କୁ ନିଲମ୍ବିତ କରାଯାଇଛି। ଡିଡବ୍ଲୁଓ ୱାର୍ଡେନଙ୍କୁ ବହିଷ୍କାର ଆଦେଶ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ● ଦିବ୍ୟାଙ୍ଗ ବାଳକର ଚିକିତ୍ସା ପାଇଁ ଅର୍ଥ ବାଧକ

# ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଗୁହାରି

ବାରିପଦା, ୫।୨(ସମିସ): ଆଜିର ଶିଶୁ କାଲିର ଭବିଷ୍ୟତ। କିନ୍ତୁ ଭଗବାନଙ୍କ ବିଚିତ୍ର ଲୀଳା ଆଗରେ ଅସହ୍ୟ ହୋଇପଡ଼ିଛି ଶିଶୁର ଭବିଷ୍ୟତ। ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ଅନ୍ତର୍ଗତ ମାଳିହତା ଗ୍ରାମର ଆଶିଷ ବେହେରା ଓ ସବିତା ବେହେରାଙ୍କ ପୁଅ ଦୀପକ ବେହେରା (୧୩)ଙ୍କ କ୍ଷେତ୍ରରେ ଏପରି ଘଟିଛି। ଅନେକ ମାନସିକ ପରେ ପୁଅଟିଏ ଜନ୍ମ ହୋଇଥିଲା। କିନ୍ତୁ ଦଇବ ଦାଉ ସାଧିଲା। ଦୀପକ ଜନ୍ମ ହେବା ପରେ ଗୋଡ଼ ହାତ ଚାଲିଲା ନାହିଁ। ଶୈଶବ ଅବସ୍ଥାରୁ ହିଁ ରୋଗାକ୍ରାନ୍ତ ହୋଇଥିବା ବେଳେ ବୟସ ବଢ଼ିଥିଲେ ସୁଦ୍ଧା ଚଳପ୍ରଚଳ ଶକ୍ତି ହରାଇ ଦିବ୍ୟାଙ୍ଗ ହୋଇ ଗୋଟିଏ ସ୍ଥାନରେ ବସି ରହୁଛନ୍ତି। ଗୋଡ଼, ହାତ ଚାଲୁ ନ ଥିବା ବେଳେ ସମସ୍ତ କାର୍ଯ୍ୟ ନିମନ୍ତେ ପରିବାର ଲୋକଙ୍କ ସହାୟତା ଲୋଡ଼ା ରହିଥାଏ। ଯେଉଁ ସମୟରେ ଖେଳିବୁଲି ନିଜର ଜୀବନର ମଜା ନେବାକଥା ସେହି ସମୟରେ ସିଏ ନିଜର ଦୁଇ ଗୋଡରେ ଠିଆ ହୋଇପାରୁନାହାନ୍ତି। ସାଙ୍ଗସାଥୀଙ୍କ ସହିତ ହସଖୁସି ଖେଳ କୁଦ ସାଙ୍ଗକୁ ପାଠପଢ଼ି କରି ନିଜକୁ ଗଢିତୋଳିବା ବୟସରେ ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିଛନ୍ତି। ଜନ୍ମବେଳୁ ଗୋଡ଼ ଓ ହାତରେ ସମସ୍ୟା ରହିଥିବାରୁ ଦୀପକଙ୍କ ଏହିପରି ଅବସ୍ଥା ରହିଛି। ଚଳପ୍ରଚଳ ନିମନ୍ତେ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଡାକ୍ତରଙ୍କ କହିବା ଅନୁସାରେ ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ବାପା ମାଆଙ୍କ ପକ୍ଷେ ଏତେ ଟଙ୍କା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଗରିବ ପରିବାର ହେତୁ ସନ୍ତାନର କଷ୍ଟକୁ ମାତା ପିତା ଦେଖି ମଧ୍ୟ ନିରୁପାୟ ହୋଇଛନ୍ତି। ପରିବାର ଲୋକେ ମୂଲଲାଗିଲେ ଘର ଚଳେ। ତେଣୁ ଚିକିତ୍ସା ନିମନ୍ତେ ଏତେ ଟଙ୍କା ତାଙ୍କ ପାଇଁ ସ୍ୱପ୍ନ ହୋଇଛି।



ଘର ଚଳିବାକୁ କଷ୍ଟ ହୋଇ ପଡୁଥିବାବେଳେ ଛୁଆର ଚିକିତ୍ସା ପାଇଁ ଟଙ୍କା କେଉଁଠୁ ଆଣିବେ ବୋଲି ପ୍ରଶ୍ନ କରିଛନ୍ତି। ସମସ୍ତଙ୍କ ନିକଟରେ କାକୁତି ମିନତି ହେଲି କେହି ହେଲେ ସାହାଯ୍ୟର ହାତ ବଢ଼ାଇଲେନାହିଁ ବୋଲି ଅତ୍ୟନ୍ତ କୋହଭରା କଣ୍ଠରେ ମା’ ସବିତା କହିଛନ୍ତି। ଶେଷରେ ସହାୟତା ନିମନ୍ତେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହେଉଥିବା ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଭେଟି ପୁଅର ଚିକିତ୍ସା ନିମନ୍ତେ ଗୁହାରି କରିଛନ୍ତି। ପୂର୍ବରୁ ଏ ନେଇ ସ୍ଥାନୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କେବଳ ଟ୍ରାଇ ସାଇକଲଟିଏ ଦେଇ ଦାୟିତ୍ୱରୁ ଭୁଲି ଯାଇଥିବା ନେଇ ସବିତା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଭିନ୍ନକ୍ଷମ ଶିଶୁର ଅବସ୍ଥା ବାବଦରେ ଜିଲ୍ଲାପାଳ ଶ୍ରୀ ଠାକରେ ନିଜେ ଅନୁଧ୍ୟାନ କରିବା ସହ କିପରି ତାହାର ଚିକିତ୍ସା ବ୍ୟବସ୍ଥା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ମିଳିପାରିବ ସେ ନେଇ ବ୍ୟବସ୍ଥା କରିବା ନେଇ ଦୃଷ୍ଟି ଦେଇଛନ୍ତି। ଭିନ୍ନକ୍ଷମ ଶିଶୁର ଉଚ୍ଚ ଚିକିତ୍ସା ନିମନ୍ତେ ଜିଲ୍ଲା ପ୍ରଶାସନ ତଥା ସରକାରୀ ସ୍ତରରେ ସହାୟତା ପ୍ରଦାନ କରିବାକୁ ଆକୁଳ ନିବେଦନ କରିଛନ୍ତି ପରିବାର।

## ଭଞ୍ଜବୀର ସୁନାରାମ ସୋରେନଙ୍କ ଜୟନ୍ତୀ ପାଳିତ

# ଅଲିଚିକି ଭାଷାର ପ୍ରଚାରପ୍ରସାର ପାଇଁ କରିଥିଲେ ଉଦ୍ୟମ

ବାରିପଦା, ୫।୨(ସମିସ): ଭଞ୍ଜବୀର ସୁନାରାମ ସୋରେନଙ୍କ ୧୦୯ତମ ଜୟନ୍ତୀ ଭଞ୍ଜପୁର ସ୍ମାରକୀ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଙ୍ଗେଲ ସିଂ ଗୁମ୍ଫାଇରାମ ସୋରେନ, ଟ୍ରଷ୍ଟ ଅଧ୍ୟକ୍ଷ ଫାଗୁରାମ ମାରାଣ୍ଡି, ଚନ୍ଦ୍ରମୋହନ ମାଝୀ, ନୁନୁରାମ ମାଝୀ, କାନ୍ଦନ ମାଝୀ, ରାମେଶ୍ୱର ଟୁଡୁ, ଈଶ୍ୱରଚନ୍ଦ୍ର ବାସ୍କେ, ବାସନ୍ତୀ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଭଞ୍ଜବୀର ସୁନାରାମଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆଦିବାସୀଙ୍କ ଉନ୍ନତି ପାଇଁ ତାଙ୍କର ଅନେକ ପ୍ରଚେଷ୍ଟା ରହିଥିଲା। ସେ ଓଡ଼ିଶା ସରକାରଙ୍କ ପ୍ରଥମ ଆଦିବାସୀ ଭାବେ ମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ; ଯାହାକି ଗୌରବନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେ ଜାମଦା ବ୍ଲକ ଅନ୍ତର୍ଗତ ହେଁସେଡା ଗ୍ରାମରେ ୧୯୧୮ ମସିହାରେ ଜନ୍ମଗ୍ରହଣ କରିଥିଲେ। ଜିଲ୍ଲାରେ ପ୍ରାଥମିକଠାରୁ ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ। ପରେ ରେଭେନ୍ସା




ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ଗ୍ରହଣ କରିଥିଲେ। ୧୯୪୭ରେ ଆଦିବାସୀ ମହାସଭା ଗଠନ କରି ଆଦିବାସୀଙ୍କ ବିକାଶ ପାଇଁ କାଯ୍ୟର୍ ଆରମ୍ଭ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଓ ସାଉନା ମୁର୍ମୁଙ୍କ ସହିତ ମିଶି ଅଲିଚିକି ଭାଷାର ପ୍ରଚାର ପ୍ରସାର ନିମନ୍ତେ ଅହରହ ଉଦ୍ୟମ କରିଥିଲେ। ପରେ ରାଜନୀତିରେ ପାଦଥାପି ବିଧାୟକ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ବିଭିନ୍ନ କ୍ୟାବିନେଟ ମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଗ୍ରାମର ବିକାଶ ନିମନ୍ତେ କାର୍ଯ୍ୟ ହୋଇଥିଲା। ୧୯୫୨ ମସିହାରେ ଓଡ଼ିଶାରେ ପ୍ରଥମ କରି ରାଇରଙ୍ଗପୁରଠାରେ ପ୍ରଥମ କରି ଛାତ୍ରୀ ନିବାସ ଆରମ୍ଭ କରିଥିଲେ। ମନ୍ତ୍ରୀ ଥିବା ସମୟରେ ଅଳଚିକି ଭାଷାର ବିକାଶ ପାଇଁ ଉଦ୍ୟମ କରିଥିଲେ। ସେ ଜଣେ ଦୃଢ଼ମନା ନେତା ଭାବେ କାର୍ଯ୍ୟ କରି ୧୯୬୧, ୧୯୬୭ ଓ ୧୯୭୭ ମସିହାରେ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ୧୯୮୮ ମସିହାରେ ତାଙ୍କର ବିୟୋଗ ହୋଇଥିଲା। ଭଞ୍ଜଭୂମି ନିମନ୍ତେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସୁନାରାମ ସୋରେନ ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



ବାରିପଦା, ୫।୨(ସମିସ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାରିପଦାଠାରେ ଜିଲ୍ଲାପାଳ ଆଶିଷ ଠାକରେ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷିକା ଏସ. ସୁଶ୍ରୀଙ୍କ ଉପସ୍ଥିତିରେ ସୋମବାର ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସର୍ବମୋଟ ୨୦୯ଟି ଅଭିଯୋଗ ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଘରୋଇ ହିଂସା ଜନିତ ଅଭଯୋଗ, ଗମନାଗମନ, ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଅଭିଯୋଗ ମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୧୪ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା। ସେଥିରୁ ମୋଟ ୧୨ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏବଂ ୭ ଜଣଙ୍କୁ ରେଡକ୍ରସଠାରୁ ସହାୟତା ପ୍ରଦାନ କରାଯିବ। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ମୋ ଘର ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗଗୁଡିକ ଉପରେ ବିଚାର କରି ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ସମେତ ଉପଖଣ୍ଡର ସମସ୍ତ ୧୦ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା, ୫।୨(ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଚାନ୍ଦୁଆ ଥାନା ଅନ୍ତର୍ଗତ ବେଳପାଳ ଗ୍ରାମର ପ୍ରଶାନ୍ତ ଧୀରଙ୍କ ପୁଅ ଜିତେନ୍ଦ୍ର ଧୀର (୨୬)କୁ ଦୋଷୀ ସାବ୍ୟସ୍ତ ପୂର୍ବକ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୩ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହାଛଡ଼ା ପୀଡ଼ିତାକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୦୨୦ ମସିହା ନଭେମ୍ବର ୨୩ ତାରିଖରେ ଜନୈକା ନାବାଳିକା ଘର ବାହାରେ ଖେଳୁଥିବାବେଳେ ତାଙ୍କୁ ଜିତେନ୍ଦ୍ର ଚକୋଲେଟ କିଣି ଦେବ କହି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲା। ନାବାଳିକାକୁ ହତ୍ୟା କରିବା ଧମକ ଦେଇ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଘଟଣା ବାବଦରେ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମରିଦେବାର ମଧ୍ୟ ଧମକ ଦେଇଥିଲା। ପରଦିନ ନାବାଳିକାର ଦେହ ଅସୁସ୍ଥ ହେବାରୁ ଘରଲୋକେ ବାରିପଦାସ୍ଥିତ ପିଆର୍ଏମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଘଟଣା ବାବଦରେ ପରିବାର ଲୋକେ ଜାଣିବାକୁ ପାଇଥିଲେ। ପରେ ଏ ନେଇ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପୀଡ଼ିତାର ବୟାନ ରେକର୍ଡ କରିବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ଏମ୍ଇଟି ଇଣ୍ଟରନ୍ୟାସନାଲ୍ ସ୍କୁଲ ଉଦ୍‌ଘାଟିତ

ବାରିପଦା, ୫।୨(ସମିସ): ଉତ୍ତର ଓଡ଼ିଶାର ନୈତିକ ଶିକ୍ଷା ବିକାଶ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ମାହେଶ୍ୱରୀ ଏଜୁକେଶନାଲ ଟ୍ରଷ୍ଟ ଶୁଭାରମ୍ଭ ହୋଇଛି। ନୈତିକ, ଆଧାତ୍ମିକ, ବୈଷୟିକ ତଥା ମୌଳିକ ଶିକ୍ଷାର ବିକାଶ ପାଇଁ ବାରିପଦା ଏକ ଉତ୍କୃଷ୍ଟ ତଥା ପ୍ରଥମ ପସନ୍ଦର ସହର। ଉନ୍ନତ ମାନର ଶିକ୍ଷା ମାନଦଣ୍ଡକୁ ଆଧାର କରି ଆଜି ଏମଇଟି ଇଣ୍ଟରନ୍ୟାସନାଲ ସ୍କୁଲ ୧୦ ନଂ. ୱାର୍ଡରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିରୂପେ ଉପ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ ଆୟୁର୍ବେଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ରିସର୍ଚ୍ଚ ଅଫିସର ଡାକ୍ତର ଅଶୋକ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ନୈତିକ ଶିକ୍ଷା ସହ ଅତ୍ୟାଧୁନିକ କୌଶଳକୁ ସମ୍ମୋଳିତ କରି ଶିକ୍ଷାର ପ୍ରସାର ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଡିଆରଡିଓ ଚାନ୍ଦିପୁର ଆଇଟିଆର ବରିଷ୍ଠ ବୈଜ୍ଞାନିକ ଇଂ. ହିମାଦ୍ରୀ ଶେଖର ଦାସ ମୌଳିକ ଓ ବୈଷୟିକ ଶିକ୍ଷା ଦ୍ୱାରା ଉତ୍ତର ଓଡ଼ିଶାର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚରେ ଅନୁଷ୍ଠାନର ସଭାପତି ଉପାସନା ମହାପାତ୍ର ଓ ଅଧ୍ୟକ୍ଷ ସ୍ୱିତିପ୍ରଜ୍ଞା ମାଝୀ ଅନୁଷ୍ଠାନକୁ ଆଗକୁ ନେବା ପାଇଁ ସହଯୋଗ କାମନା କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ବିନ୍ଧାଣି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ପିଏମ ଜନମନ ଯୋଜନାରୁ ୨୩ ବ୍ଲକର ଖଡିଆ ଜନଜାତି ବଞ୍ଚିତ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ବାରିପଦା, ୫।୨(ସମିସ): ପିଏମ ଜନମନ ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ୨୩ଟି ବ୍ଲକର ଖଡିଆ ଜନଜାତି ବଞ୍ଚିତ ହୋଇଛନ୍ତି। ବିକାଶ ହୋଇ ନ ଥିବା ଆଦିବାସୀ ସମ୍ପ୍ରଦାୟର ସର୍ବାଙ୍ଗିନ ବିକାଶ ନିମନ୍ତେ ପିଭିଟିଜି ବର୍ଗଙ୍କ ପାଇଁ କେନ୍ଦ୍ର ସରକାର ପିଏମ ଜନମନ ଯୋଜନା ଆରମ୍ଭ କରିଛନ୍ତି; କିନ୍ତୁ ମୟୂରଭଞ୍ଜ ଜିଲ୍ଲାର ଖଡ଼ିଆ ଜନଜାତିଙ୍କୁ ଏଥିରୁ ବଞ୍ଚିତ



କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ଖଡ଼ିଆ ଜନଜାତି ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଭେଟି ଏହି ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରେ ଖଡ଼ିଆ ଜନଜାତି ଲୋକେ ବସବାସ କରୁଛନ୍ତି। ଖଡ଼ିଆ ଜନଜାତି ମୟୂରଭଞ୍ଜ ଜିଲ୍ଲାର ମୂଳନିବାସୀ ଭାବେ ପରିଚୟ ପାଇଛନ୍ତି। ସମାଜର ପଛୁଆ ବର୍ଗର ଜନଜାତି ସମ୍ପ୍ରଦାୟର ଲୋକମାନଙ୍କ ଉନ୍ନୟନ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ପିଏମ ଜନମନ ଯୋଜନାରେ ଏହି ଜନଜାତିଙ୍କୁ ସାମିଲ କରାଯାଇପାରିନାହିଁ। ସର୍ଭେ ପ୍ରକ୍ରିୟାରେ କେବଳ କରଞ୍ଜିଆ, ଯଶିପୁର ଓ ମୋରଡ଼ା ବ୍ଲକର ଖଡ଼ିଆ ଜନଜାତି ଲୋକଙ୍କୁ ସାମିଲ କରାଯାଇଥିବାବେଳେ ଅନ୍ୟ ୨୩ଟି ବ୍ଲକର ଖଡ଼ିଆ ଜନଜାତି ଲୋକଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। କେନ୍ଦ୍ରୀୟ ଯୋଜନାରେ ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ଅଣଦେଖା କରାଯାଇଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ୧୪ଟି ବ୍ଲକରେ ସମୁଦାୟ ୫ ହଜାର ୯୦୬ଜଣ ଉକ୍ତ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ସେଥି ମଧ୍ୟରୁ ବାରିପଦା ବ୍ଲକରେ ୧୧୨୫, ବାଙ୍ଗିରିପୋଷି ବ୍ଲକରେ ୧୧୦୦, ସାରସକଣା ବ୍ଲକରେ ୮୧୫, କୁଳିଅଣା ବ୍ଲକରେ ୬୫୦ଆଦି ଅଧିକ ପରିମାଣର ଖଡ଼ିଆ ଜନଜାତି ବାସ କରୁଛନ୍ତି। ତେବେ ଉକ୍ତ ଲୋକଙ୍କୁ ସାମିଲ ନ କରି କେବଳ ୩ଟି ବ୍ଲକକୁ ସାମିଲ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି। ତେଣୁକରି ଯଥାଶୀଘ୍ର ବଞ୍ଚିତ ହୋଇଥିବା ୨୩ଟି ବ୍ଲକରେ ସର୍ଭେ କାର୍ଯ୍ୟ କରି ବଞ୍ଚିତ ଥିବା ଖଡ଼ିଆ ଜନଜାତିର ଲୋକଙ୍କ ପିଏମ ଜନମନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଜଣାଇଛନ୍ତି। ଅଭିଯୋଗକୁ ନେଇ ଜିଲ୍ଲାପାଳ ଆଶିଷ ଠାକରେ ତଦନ୍ତ କରି ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ସନ୍ତୋଷ କୁମାର ମହାନ୍ତି, ପ୍ରସନ୍ନ କୁମାର ଦେହୁରୀ, ଶୁକଦେବ ଦେହୁରୀ, ସାଇବା ଭକ୍ତା, ଦୁର୍ଗା ଦେହୁରୀ, ଦୁର୍ଯ୍ୟୋଧନ ଭକ୍ତା, ଆକାଶ ଭକ୍ତା, ବିନୋଦ ଦେହୁରୀ ଓ କାଳିଆ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।









# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର,୫।୨(ସମିସ)



ଜିଲ୍ଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଲକରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୩୩୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୫୨ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୮୪ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପିଏ ଆଇଟିଡିଏ କେନ୍ଦୁଝର ତପନ କୁମାର ନାଏକ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆଇ.ପି.ଏସ୍. ପ୍ରୋବେସନର ରାମେନ୍ଦ୍ର ପ୍ରସାଦ, ଏସିଏଫ୍ ମହମ୍ମଦ ଅଜିଜ୍ ଖାନ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର କିରଣ କୁମାର ନାଏକ, କେନ୍ଦୁଝର ସଦର ବିଡିଓ ତିଳୋତମା ପୃଷ୍ଟି ଏବଂ କେନ୍ଦୁଝର ତହସିଲଦାର ଇଷାନୀ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍‌ରୁ ସହାୟତା ପାଇଁ ୨୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୯ଜଣ ହିତାଧିକାରୀଙ୍କୁ ମୋଟରାଇଜଡ୍ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

# ଭାଟିଶିରା ଆକ୍ରମଣ ମାମଲାରେ ୧ ଗିରଫ

**ଆନନ୍ଦପୁର,୫।୨(ସମିସ):** ଭାଟିସିରା ଛକ ନିକଟରେ ଏକ ବାଲି ଟ୍ରାକ୍ଟର ଓଲଟିବା ଘଟଣାରେ ଟ୍ରାକ୍ଟର ମାଲିକ ବାଇକ୍ ଆରୋହୀଙ୍କୁ ଆକ୍ରମଣ ସହ ହତ୍ୟା ଧମକ ଦେବା ଅଭିଯୋଗରେ ପୁଲିସ ଟ୍ରାକ୍ଟର ମାଲିକ ଖଡ଼ବିଲ ଗ୍ରାମର ସୁରେଶ କୁମାର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ଥାନା ଅଧିକାରୀ ସୁନୀଲ କୁମାର କର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ଶନିବାର ଦିବା ୯ ଘଟିକା ସମୟରେ କୈନୀପୁରା ଗ୍ରାମର କୁଳମଣି ସାହୁ ଓ ତାଙ୍କର ଜଣେ ବନ୍ଧୁ ଗୋଲଖ ବିହାରୀ ସାହୁ ବାଇକ୍ ଯୋଗେ କୌଣସି ଏକ କାର୍ଯ୍ୟରେ କୈନୀପୁର ଠାରୁ ସରେଇଁ ଯାଉଥିବା ବାଟରେ ଭାଟିସିରା ଛକ ନିକଟରେ ବିପରୀତ ଦିଗରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତଗତିରେ ତାଙ୍କ ଆଡକୁ ମାଡିଆସୁଥିବା ଦେଖି ବାଇକ ଆରୋହୀ ଦ୍ୱୟ ବାଇକ ଅଟକାଇ ଛିଡା ହୋଇପଡ଼ିଥିଲେ। ଏହି ସମୟରେ ବାଲି ବୋଝେଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଥିଲା ଫଳରେ ବାଇକ ଆରୋହୀ ଦ୍ୱୟ ଅଳ୍ପେକ ବର୍ତ୍ତି ଯାଇଥିଲେ। ଟ୍ରାକ୍ଟର ଓଲଟି ପଡିବା ପରେ ସେଥିରେ ଚାଳକ ଜଣଙ୍କ ଚାପି ହୋଇ ପଡ଼ିଥିବା ଦେଖି ବାଇକ ଆରୋହୀ କୁଳମଣି ସାହୁ ୧୧୨କୁ ସାହାଯ୍ୟ ପାଇଁ ଫୋନ କରିଥିଲେ। ଏହାର କିଛି ସମୟ ପରେ ଟ୍ରାକ୍ଟର ତଳୁ ଚାଳକ ବାହାରି ତୁରନ୍ତ ଟ୍ରାକ୍ଟର ମାଲିକ ସୁରେଶଙ୍କୁ ଫୋନ କରି ଜଣାଇଥିଲେ। ମାତ୍ର ଘଟଣା ସମ୍ପର୍କରେ କୌଣସି ଖବର ନନେଇ ଚୋରାରେ ବାଲି ଚାଲାଣ ହେଉଥିବା ନେଇ କୁଳମଣି ପୁଲିସକୁ ଖବର ଦେଇଥିବାକୁ ସନ୍ଦେହ କରି ଗାଡି ମାଲିକ କୁଳମଣିଙ୍କୁ ଜୀବନରେ ମାରିଦେବାକୁ ଧମକ ଚମକ ଦେବା ସହ ରାସ୍ତାରେ ପଡ଼ିଥିବା ଏକ ପଥର ସାହାଯ୍ୟରେ କୁଳମଣିଙ୍କୁ ଆଘାତ କରିଥିବା କଥା ଅଭିଯୋଗକାରି କୁଳମଣି ପ୍ରକାଶ କରିଛନ୍ତି। ଏନେଇ କୁଳମଣି ଘସିପୁରା ଥାନାରେ ଜଣାଇବା ପରେ କୁଳମଣିଙ୍କ ଏତଲା କ୍ରମେ ଘସିପୁରା ପୁଲିସ ପକ୍ଷରୁ କେସ ନମ୍ବର ୯୮/୨୪ ରୁଜୁ କରାଯାଇ ଅଭିଯୁକ୍ତ ସୁରେଶ କୁମାର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

# ଯବାନଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା



**ତୁରୁମୁଙ୍ଗା,୫।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ବଳିଆପଶି ଗ୍ରାମର ଲଢୁଆ ପୁଅ ବୀର ଯବାନ ପ୍ରଫୁଲ୍ଲ କୁମାର ନାୟକ ମା' ମାଟିର ସେବା ସାରି ଚାକିରଣରୁ ଅବସର ନେଇ ଘରକୁ ଫେରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ନାୟକ ତୁରୁମୁଙ୍ଗା ସ୍ଥିତ ଦଧିବାମନ ଏବଂ କେନ୍ଦୁଝର ଧରଣୀଧର ମହାବିଦ୍ୟାଳୟରେ ଯୁକ୍ତ ୨ ଅଧ୍ୟୟନ ପରେ ୨୦୦୨ ମସିହାରେ ଭାରତୀୟ ସୈନ୍ୟ ବାହିନୀରେ ଯୋଗ ଦେଇ ଏଏସ୍‌ଟି ସେଣ୍ଟର ବାଙ୍ଗାଲୁରରେ ସୋଲଜର ଡିଡି ଭାବରେ ଯୋଗଦେଇ ଦେଶର ବିଭନ୍ନ ସ୍ଥାନରେ ମା'ମାଟିର ସେବା କରି ଜାନୁଆରୀ ୩୧ ତାରିଖରେ ଚାକିରିରୁ ଅବସର ଗ୍ରହଣ କରି ରବିବାର ଗାଁକୁ ଫେରିଥିଲେ। ଚେମେଣା ପଞ୍ଚାୟତ ଠାରେ ଶତାଧିକ ମହିଳା ଓ ପୁରୁଷ ମାନେ ବନ୍ଦାପନା କରି ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ବିଶାଳ ଶୋଭାଯାତ୍ରାରେ ନେଇ ବଳିଆପଶି ଗ୍ରାମରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥବଲେ। ଗ୍ରାମରେ ଶୋଭାଯାତ୍ରାରେ ପରିକ୍ରମା କରିବା ସମୟରେ ଗ୍ରାମର ଗୁରୁଜନମାନଙ୍କୁ ପ୍ରଣାମ କରି ସେମାନଙ୍କ ଆଶୀର୍ବାଦ ନେଇ ଦେଶ ଓ ମାତୃକାରର ଗୌରବମୟ ଗାଥା ଜଣାଇ ଦେଶ ସୁରକ୍ଷା ପାଇଁ ତାଙ୍କର ଅତିବାହିତ ସମୟକୁ ପ୍ରକାଶ କରିଥିଲେ।

● ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

# ଇନକମ୍ ଟ୍ୟାକ୍ସ କୋଲକତାକୁ ହରାଇ ଆନ୍ଧ୍ର ସ୍ପୋର୍ଟସ ଏକାଡେମୀ ଚାମ୍ପିଅନ

**ଘସିପୁରା,୫।୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ବାବା ରାମେଶ୍ୱର ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଆନ୍ଧ୍ର ସ୍ପୋର୍ଟସ ଏକାଡେମୀ ଚାମ୍ପିଅନ ହୋଇଛି। ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚରେ ୨-୧ ସେଟରେ ଇନକମ୍ ଟ୍ୟାକ୍ସ କୋଲକତାକୁ ହରାଇ ଆନ୍ଧ୍ର ସ୍ପୋର୍ଟସ ଏକାଡେମୀ ଚମ୍ପିଅନ ଘୋଷିତ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଓ ଶକ୍ତି ବିଭାଗ ମନ୍ତ୍ରୀ ପ୍ରତାପ ଦେବ, ଚୌଦ୍ୱାର କଟକ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏବଂ ଓଡିଆ ସିନେ ଅଭିନେତ୍ରୀ ଭୂମିକା, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ମଲ୍ଲିକ, ଯୁବନେତା ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରିଚାଳନାରେ ରେଫରୀ ଭାବେ କୁମାର ରଞ୍ଜନ ମଲ୍ଲିକ, ସୁରେଶକୁମାର ଭୂୟାଁ, କ୍ଷିତିଶ କୁମାର ଭୂୟାଁ, ସୁବ୍ରତ ଲେଙ୍କା, ଅନିଲକୁମାର ଷେଣ୍ଠେ, ଅମିୟକୁମାର ପରିଡା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସ୍କୋର ଏବଂ ଅଫିସିଆଲ ଭାବେ ବିଧୁଭୂଷଣ ରଥ, ଶ୍ରୀକାନ୍ତ ନାୟକ, ତ୍ରିଲୋଚନ ଦାସ, ସୁଜୟ କୁମାର ନାୟକ, ନିରଞ୍ଜନ ନାୟକ, କଳାକାର ସାମଲ ସକ୍ରିୟ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ରାମେଶ୍ୱର ଆଞ୍ଚଳିକ ଯୁବକ ସଂଘର ସଭାପତି ପ୍ରଦିପକୁମାର ସାହୁ, ଜୟକୃଷ୍ଣ ବଳ, ହେମନ୍ତ କୁମାର ଜେନା, କଳ୍ପତରୁ ନାଥ, ରାଧେଶ୍ୟାମ ସ୍ୱାଇଁ, ଲାଲୁ ପ୍ରସାଦ ସ୍ୱାଇଁ, ଭାରତଭୂଷଣ ନାୟକ, ମନ୍ମଥକୁମାର ସାହୁ, ରବିନ୍ଦ୍ର କୁମାର ସ୍ୱାଇଁ, ଜଗବନ୍ଧୁ ଜେନା, ଅକ୍ଷୟକୁମାର ସାହୁ, ବସନ୍ତକୁମାର ମାଝୀ, ମନ୍ମଥ ରଣା, ମାନସ ମହାରଣା, ଅଚ୍ୟୁତାନନ୍ଦ ଜେନା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରୁଛନ୍ତି। ଶେଷରେ ଆୟୋଜକ କ୍ଲବ ପକ୍ଷରୁ ଲଟେରୀ ମାଧ୍ୟମରେ ଜଣେ ଭାଗ୍ୟଶାଳୀ ଦର୍ଶକ ଚୟନ କରାଯାଇ ଏକ ସାଇକଲ ପ୍ରଦାନ କରାଯାଇଥିଲା।



# ଟ୍ରକ୍ ବାଇକ ଧକ୍କାରେ ଜଣେ ମୃତ

**କେନ୍ଦୁଝର,୫।୨(ସମିସ):** କେନ୍ଦୁଝର -ମୈଦାନକେଲ ରାସ୍ତାର ଚକ ନିକଟରେ ଏକ ରାସ୍ତା ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଛନ୍ତି। କେନ୍ଦୁଝର ଟାଉନ ଥାନା ଚକ ଗ୍ରାମ ନିକଟରେ ଖାଦ୍ୟ ଯୋଗାଣ ଟ୍ରକ ଧକ୍କା ଦେଲା ବାଇକ କୁ ବାଇକ ଆରୋହି ଆହତ ହୋଇଥିବା ବେଳେ ବାଇକ ରେ ଥିବା ମହିଳା ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

**ତେଲକୋଇ, ୫।୨ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ବିଞ୍ଜାବାହାଳ ଗ୍ରାମ ନିକଟରେ ଏକ ଟ୍ରକ୍ ବାଇକ୍ କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ବାଇକ୍‌ଟି ଟ୍ରକ୍ ଭିତରେ ପଶି ଯାଇଥିବା ବେଳେ ବାଇକ୍ ଆରୋହୀ ଗାଡ଼ି ଭିତରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପାଲଲହଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣା ପଡ଼ିଛି। ଗୁରୁତରଙ୍କ ସମ୍ବନ୍ଧରେ କୌଣସି ସୂଚନା ମିଳି ପାରି ନାହିଁ। ଖବର ପାଇ ତେଲକୋଇ ପୁଲିସ ଟ୍ରକ୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ବାଇକ୍ ଆରୋହୀ ଜଣଙ୍କ ପାଲଲହଡ଼ା ଆଡୁ କେନ୍ଦୁଝର ଅଭିମୁଖେ ଯାଉଥିବା ଜଣାପଡ଼ିଛି।

# ଡାକ ଟିକଟ ପ୍ରଦର୍ଶନୀ କର୍ମଶାଳା



**ପାଟଣା,୫।୨(ସମିସ):** ପାଟଣା ମୁଖ୍ୟାଳୟରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଡାକ ବିଭାଗ ପକ୍ଷରୁ ଡାକ ଟିକେଟ ପ୍ରଦର୍ଶନୀ ଓ ଡାକ ଟିକଟ ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଡାକ ମଣ୍ଡଳର ବ୍ୟବସାୟିକ କାର୍ଯ୍ୟନିର୍ବାହୀ ଅଧିକାରୀ ଶଙ୍କର ଗୌଡ ଯୋଗ ଦେଇ ଡାକ ଟିକଟ ମାଧ୍ୟମରେ ବିଦ୍ୟାଳୟର ଛାତ୍ରଛାତ୍ରୀ କିପରି ଅଧିକ ଜ୍ଞାନ ଆହରଣ କରି ପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଡାକ ବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ସୁକନ୍ୟା ଓ ମହିଳା ସମ୍ମାନ ଖାତା ଖୋଲିବାକୁ ମଧ୍ୟ ଶ୍ରୀ ଗୌଡ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଚାର୍ଯ୍ୟ ହୀରାଲାଲ ମହାନ୍ତ, ସନ୍ତୋଷ କୁମାର ବେହେରା, ବେଣୁଧର ମହାନ୍ତ, କେଶବ ମହାନ୍ତ, ଶୁଭେନ୍ଦୁ ମହାନ୍ତ, ରୁଦ୍ର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ନବ କିଶୋର ମହାନ୍ତ, ରେବତୀ ତ୍ରିପାଠୀ, ସବିତା ମହାନ୍ତ, ତ୍ରିବେଣୀ ମହାନ୍ତ, ରଞ୍ଜିତା ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ଚୋରି ଶାଳ ଗଣ୍ଡି ଜବତ

**ପାଟଣା, ୫।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବନ ରେଞ୍ଜ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଜଙ୍ଗଲରେ ପଶ୍ଚିମବଙ୍ଗ କରତ କଟାଳି ଲଗାଇ କେହି ଦୁର୍ବୃତ୍ତ ଶାଳ ଗଛକୁ ୨ ଦିନ ପୂର୍ବରୁ କାଟୁଥିଲା ବେଳେ ଆଜି ଜଙ୍ଗଲ ବିଭାଗ କାଠ ଗଣ୍ଡିକୁ ଜବତ କରିଛି। ଏହି ଜଙ୍ଗଲରେ ଗତକାଲି ଠାରୁ ମୋଟା ଶାଳ ଗଛ କଟା ଯାଉଥିଲା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ଜଙ୍ଗଲ ବିଭାଗଠାରେ ଅଭିଯୋଗ କରିଥିଲେ। ହେଲେ ଏଥିପ୍ରତି ଜଙ୍ଗଲ ବିଭାଗ ଅଣଦେଖା କରିବାରୁ ଦୁର୍ବୃତ୍ତ ବେପରୱା ଭାବେ ଗଛ କାଟିଚାଲିଥିଲା। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ଘଟଣା ସ୍ଥଳକୁ ଆଜି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ପହଞ୍ଚିଥିଲେ। ତେବେ ଘଟଣାସ୍ଥଳରୁ କରତ କଟାଳିମାନେ ଫେରାର ହେବାର ସକ୍ଷମ ହୋଇଥିଲେ। ଘଟଣାସ୍ଥଳରୁ ୫ ଖଣ୍ଡ ମୋଟା ଶାଳ କାଠ ଗଣ୍ଡି ଓ କରତକୁ ଜବତ କରାଯାଇଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ରେଞ୍ଜର ବନ ବିହାରୀ ସର୍ଦ୍ଦାର ପ୍ରକାଶ କରିଛନ୍ତି।

# ଜାତୀୟସ୍ତରୀୟ ଡ୍ୟାନ୍ସ ରିଅଲିଟି ସୋ' ରେ କେନ୍ଦୁଝରର ଝିଅ



**କେନ୍ଦୁଝର,୫।୨ (ସମିସ):** ଜାତୀୟସ୍ତରୀୟ ଡ୍ୟାନ୍ସ ରିଅଲିଟି ଟିଭି ସୋ 'ଡ୍ୟାନ୍ସ ଦିୱାନେ'ରେ କେନ୍ଦୁଝରର ଝିଅ ତୀରଶ୍ରୀ ସାଗରିକା ଭାଗନେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ବର୍ତ୍ତମାନ ଟପ ୪୦ ମଧ୍ୟରେ ରହିଥିବା ବେଳେ ତାଙ୍କର ପ୍ରଥମ ଏପିସୋଡ ଗତ ୩ ତାରିଖରେ କଲର୍ସ ଟିଭିରେ ପ୍ରସାରଣ ହୋଇଛି। ଏହାକୁ ନେଇ ଜିଲ୍ଲାରେ ତାଙ୍କ ନିକଟକୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି। କେନ୍ଦୁଝର ସହରର ଚର୍ଚ୍ଚ ଛକ ନିକଟରେ ରହୁଥିବା ଦୟାସାଗର ପଣ୍ଡା ଓ ଶର୍ବାଣୀ ମହାପାତ୍ରଙ୍କ ବଡଝିଅ ତୀରଶ୍ରୀ ସାଗରିକା ଭୁବନେଶ୍ୱରରେ ପ୍ରଥମ ଅଡିସନ ଦେବା ପରେ କଲିକତା ଅଡିସନରୁ ଉତ୍ତୀର୍ଣ୍ଣ ହୋଇ ଟପ୍ ୪୦ ମଧ୍ୟରେ ବର୍ତ୍ତମାନ ରହିଛନ୍ତି। ଏହି ରିଅଲିଟିସୋରେ ବଲିଉଡର ସୁପରଷ୍ଟାର ମାଧୁରୀ ଦୀକ୍ଷିତ ଏବଂ ସୁନିଲ ସେଠୀ ବିଚାରକ ଭୂମିକାରେ ଅଛନ୍ତି। ସେ ସୋଲୋ ଫର୍ମାଟରେ ତାଙ୍କର ନୃତ୍ୟକଳା ପ୍ରଦର୍ଶିତ କରି ବିଚାରକ ମଣ୍ଡଳୀରୁ ପ୍ରଶଂସା ସାଉଣ୍ଟିଛନ୍ତି।

# ରୁଙ୍ଗଟା ଅଧିକାରୀଙ୍କୁ ମାଡ଼ ମାରି ଲୁଟିଲେ ଦୁର୍ବୃତ୍ତ

**ବଡ଼ବିଲ, ୫।୨ (ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଞ୍ଚଳରେ ଥିବା ରୁଙ୍ଗଟା କାରଖାନାରେ ଏଜିଏମ୍ ଭାବେ କାର୍ଯ୍ୟରତ ଶାଶ୍ୱତକୁମାର ହୋତା ଗତକାଲି ରାତ୍ରି ବସ୍ ଯୋଗେ ଭୁବନେଶ୍ୱରରୁ ବଡ଼ବିଲ ଫେରିଥିଲେ। ତେବେ ରାତି ପ୍ରାୟ ୩/୧୫ରେ ବସଟି ବଡ଼ବିଲ ପୁରୁଣା ଷ୍ଟାଣ୍ଡ ପହଞ୍ଚିବା ପରେ ଶାଶ୍ୱତ ଚାଲିଚାଲି ରୁଙ୍ଗଟା କଲୋନୀ ସ୍ଥିତ ଘରକୁ ଯାଉଥିବା ସମୟରେ ମେନ ରୋଡ଼ରେ ଥିବା ସଙ୍ଗମ ହୋଟେଲ ନିକଟରେ ଚାରି ଜଣ ଦୁର୍ବୃତ୍ତ ଏକ ଅଟୋରେ ଆସି ତାଙ୍କୁ ନିର୍ଘୁମ ପିଟି ଲହୁଲୁହାଣ କରିବା ସହ ବନ୍ଧୁକ ଭଳି ମାରଣାସ୍ତ୍ର ଦେଖାଇ ତାଙ୍କର ମୋବାଇଲ ଓ ପର୍ସ ଲୁଟି ନେଇଥିବା ଜଣାପଡିଛି। ତେବେ ଏ ବାବଦରେ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କଲା ପରେ ସହରରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ପୋଲସ ତଦନ୍ତ କରୁଥିବା ଜଣାପଡିଛି।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ସମ୍ବର୍ଦ୍ଧିତ ହେଲେ କବି, ଲେଖକ ଓ ନାଟ୍ୟକାର











**କେନ୍ଦୁଝର,୫।୨(ସମିସ):** ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଳନ ଅବସରରେ କେନ୍ଦୁଝର ଜିଲ୍ଲାର ପୌରପାଳିକା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକରୁ ଚୟନ ହୋଇ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ଭାଷା ସାହିତ୍ୟ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗୀତା ଯଥା କୁଇଜ, ଚିତ୍ରାଙ୍କନ, ବକ୍ତୃତା, କବିତାପାଠ, ଦେଶାତ୍ମବୋଧକ ସଂଗୀତ, ପ୍ରଦର୍ଶନୀ ମାନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମଧୁସୂଦନ ପଣ୍ଡା (ବିଶିଷ୍ଟ ଶିକ୍ଷାବିତ), ନାରାୟଣ ମହାନ୍ତ (ବ୍ଲକ ଶିକ୍ଷା ଅଧିକାରୀ ତେଲକୋଇ) ଯୋଗଦାନ କରିଥିଲେ। ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ଓଡିଆ ଭାଷାର ବିଭିନ୍ନ କୃତୀ, ପ୍ରଚାର ପ୍ରଶାର ଓ ବିକାଶ ଉପରେ ଗୁରୁତ୍ୱାରୋପ କରଯାଇଥିଲା। ବିଭିନ୍ନ ବିଭାଗରେ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଗୌରୀରାଣୀ ନାଏକ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ପୀତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ଧରଣୀଧର ନଗର ଭବନ ଠାରେ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏନଏସି ନିର୍ବାହୀ ଅଧିକାରୀ ପୁରୁଲାଇ ବେସ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତୁଡା ପ୍ରକଳ୍ପ ଭାରପ୍ରାପ୍ତ ଅଧିକାରିଣୀ ପଲ୍ଲବୀ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ସହକାରୀ ଯନ୍ତ୍ରୀ ସୁଧାକର ଦାସ ଏବଂ ମୁଖ୍ୟ ବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା ଜ୍ୟୋତି ସମ୍ମାନ ପାଇଥିବା କବି ତଥା ଲେଖକ ରମାକାନ୍ତ ପ୍ରଧାନ, ଭଞ୍ଜ ସାହିତ୍ୟ ଉପରେ ଗବେଷକ ଡ. ସୁମନ୍ତ କୁମାର ଗିରି, କବି କଳାକାର ମହାନ୍ତ, ଗବେଷକ ଅରବିନ୍ଦ ମହାନ୍ତ, ସଞ୍ଜୀବନୀ ସାହିତ୍ୟ ସଂସଦ ସଂପାଦକ ଡମ୍ବୁରୁଧର ମହାନ୍ତ, ଯୁବ କବି ସୌମ୍ୟସାରସ୍ୱତ ଦାଶ, ରାସେଶ୍ୱର ମହାନ୍ତ, ନାଟ୍ୟକାର ପବିତ୍ର କୁମାର ନାଏକ ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା।

**ତେଲକୋଇ:** ତେଲକୋଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଓଡିଆ ଭାଷା ସାହିତ୍ୟ ଓ ସୃଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟାପଡା ନୋଡାଲ ଉପ୍ରା ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଇଓ ସୁବାସ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବସୁଦେବ ମହାନ୍ତ, ମୁଖ୍ୟବକ୍ତା ଓଷ୍ଟା ବ୍ଲକ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଦୋବଲାପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବାରିକ, ଏବିଇଓ ମିନାକ୍ଷୀ ନନ୍ଦ, ଗାଳ୍ପିକ ଜଗବନ୍ଧୁ ସାହୁ, ସାମ୍ବାଦିକ ବିରଞ୍ଚି କୁମାର ବେହେରା, ପ୍ରଧାନ ଶିକ୍ଷକ କହ୍ନେଇ ଚରଣ ସାହୁ, ଯୋଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପୁରସ୍କୃତ କରାଯାଇଥିଲା। ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ଗଣେଶ୍ୱର ପାତ୍ର, ନିର୍ମଳ ମହାନ୍ତ, ଖଗେଶ୍ୱର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବାଲିବନ୍ଧ:** ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଝୁମ୍ପୁରା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆର୍‌ସିସି ନବକିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟାନନ୍ଦ ବେହେରା ମୁଖ୍ୟବକ୍ତା, ସନମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦଚରଣ ସାହୁ, ଜୟନ୍ତୀ ମଲ୍ଲିକ, ଖେଣ୍ଡରାସ୍ଥିତ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ୧୨ଟି କ୍ଲଷ୍ଟରରୁ ଆସିଥିବା ଛାତ୍ରଛାତ୍ରୀ ବିରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ ମୋଟ ୧୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବଡଡୁମୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଝୁମ୍ପୁରା ସିଆର୍‌ସିସି ତନ୍ମୟକୁମାର ଗିରି, ସିଆର୍‌ସିସି ହେମନ୍ତ କୁମାର ମାଝୀ, ଗୁରୁଚରଣ ନାଏକ, କୃଷ୍ଣଚନ୍ଦ୍ର ମହାନ୍ତ, ଶିକ୍ଷକ ବିଶ୍ୱରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଯୋଡା:** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଯୋଡ଼ା ପୌରପାଳିକା ସଭା ଗୃହରେ ଭାଷା ସାହିତ୍ୟ ପ୍ରତି ଅବଦାନ ନିମନ୍ତେ ଡ. ମୃଦଳା ମହାନ୍ତି ଅଧ୍ୟକ୍ଷା ଯୋଡ଼ା ମହାବିଦ୍ୟାଳୟ, ଅଧ୍ୟାପିକା ମଧୁମିତା ମହାନ୍ତି, ସାମ୍ବାଦିକ ସାରଦା ପ୍ରସାଦ ଆଚାର୍ଯ୍ୟଙ୍କୁ ସେମାନଙ୍କର ସାମଗ୍ରୀକ କୃତୀ ପାଇଁ ସମ୍ମାନିତ କରାଯାଇଛି। ଯୋଡା ପୌରାଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପାଧ୍ୟକ୍ଷ ସନ୍ଧ୍ୟା ପାତ୍ର, ନିର୍ବାହୀ ଅଧିକାରୀ ବିଶ୍ୱଜିତ୍ ଦଳାଇ ଉପସ୍ଥିତି ଥିଲେ। ଆୟୋଜିତ ପ୍ରବନ୍ଧ, ତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାସ୍ଥଳରେ ଯୋଡ଼ା ପୌରପାଳିକା ପାରିଷଦ ବର୍ଗ, କର୍ମଚାରୀ ବୃନ୍ଦ, ସ୍ୱଚ୍ଛ ସାଥି ଉପସ୍ଥିତ ଥିଲେ। ସଭାଟିକୁ ସୁଧାଂଶୁ ଶେଖର ଜେନା ପରିଚାଳନା କରିବାର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସୋସୋ:** ହାଟଡିହି ବ୍ଲକର ବ୍ଲକସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗୀତା ହାଟଡିହି ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗର କୁଇଜ୍‌ରେ ଆମ୍ବୋ ହାଇସ୍କୁଲର ଶୁଭଶ୍ରୀତମ ପଣ୍ଡା ପ୍ରଥମ ହୋଇଥିବା ବେଳେ ବକ୍ତୃତା ଷଡ଼ଙ୍ଗ ହାଇସ୍କୁଲର ପ୍ରିୟମ୍ବଦା ବେହେରା, ଜଳକଳଙ୍ଗ ୟୁପିଏସ୍‌ର ଅମର ନାୟକ, ଗୀତରେ ସୋସୋ ୟୁପିଏସ୍‌ର ଗାୟତ୍ରୀ ନାୟକ, କବିତା ପାଠରେ ଆଗିରିଆ କେବିବିଏନ ସ୍କୁଲର ଲାବଣ୍ୟବତୀ ମହାପାତ୍ର, ଡିସପ୍ଲେ ରେ ଜଳକଳଙ୍ଗ ୟୁପିଏସର ଶୁଭଶ୍ରୀ ରୋଜାଲିନି ଜେନା, ଡ୍ୟାନ୍ସ ଗ୍ରୁପରେ ସଙ୍ଗମ ନୋଡାଲ ସ୍କୁଲର ଗ୍ରୁପ୍ ପ୍ରଥମ ସ୍ଥାନ ଅଧିକାରକରିଛନ୍ତି। ସେହିପରି ଜୁନିୟର ବିଭାଗର କୁଇଜ୍ ରେ ତରଭା ୟୁପିଏସର ସନ୍ଧ୍ୟାରାଣୀ ପତି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଗୀତରେ ବିଦ୍ୟାଧରପୁର ନୋଡାଲ ୟୁ.ପି.ଏସର ଆଦ୍ୟାଶା ବେଜ୍, ଚିତ୍ରାଙ୍କନରେ ନିଉଦାନୀ ପ୍ରାଥମିକ ବିଦ୍ୟାଳୟର ଦିବ୍ୟଶ୍ରୀ ରାଉତ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସମୟରେ କୃତି ଛାତ୍ରଛାତ୍ରୀଙ୍କୁ ବିଇଓ ଧନେଶ୍ୱର ଖଣ୍ଡେଇ, ଏବିଇଓ ପ୍ରମୋଦ ନାୟକ ଏବଂ ସିଆର୍‌ସିସି ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୌରପାଳିକା ପକ୍ଷରୁ ବିଶ୍ୱ ସାହିତ୍ୟ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମ୍ୟୁନିସପାଲିଟି କଲ୍ୟାଣ ମଣ୍ଡପ ଠାରେ ପୌରାଧ୍ୟକ୍ଷ ରଜନୀରାଣୀ ଖଟୁଆ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରମାକାନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ସାହିତ୍ୟ ସଂସଦ ସଭାପତି ଗଦାଧର ମିଶ୍ର, ବିଶେଷ ଅତିଥି ଭାବେ କବି ଡ.ଅଶୋକ କୁମାର ପୁହାଣ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ପୌରାନିର୍ବାହୀ ଅଧିକାରୀ ଦେବିପ୍ରସାଦ ବଳ ଯୋଗଦେଇ ସାହିତ୍ୟ ଓ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାର ଉଦ୍ୟମ ସ୍ୱାଗତ ଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପରେ ସାହିତ୍ୟକ ରତ୍ନାକର ଦାସଙ୍କ ସଂଯୋଜନାରେ କବିତା ପଠୋତ୍ସବ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ସଙ୍ଗଠିକା ଶୁଭଶ୍ରୀ ମିଶ୍ର ଆର୍ଯ୍ୟ ଦେବିଦୂତ ସାମଲ, ସ୍ୱଚ୍ଛତା ସାଥୀ ସଙ୍ଗୀତା ଦଳେଇ, କର୍ମଚାରୀ ନିରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ଯଶିପୁର, ୫।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ପୁଲିସକୁ ମିଳିଛି ବଡ଼ ସଫଳତା। ସମ୍ବଲପୁରରୁ ପଶ୍ଚିମବଙ୍ଗକୁ ଏକ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ପୁଲିସ ହାତରେ ଧରାପଡ଼ିଛି। ସୋମବାର ଏକ ବିଶେଷ ସୂତ୍ରରୁ ପୁଲିସକୁ ଖବର ପାଇ ପୁଲିସ ସଜାଗ ରହିଥିଲା। ବଜାର ଦେଇ ଯାଉଥିବା ଏକ କାରକୁ ପୁଲିସ ଅଟକାଇ ଡିକି ଯାଞ୍ଚ କରିଥିଲା। ତେବେ ପୁଲିସ ଚେକ୍ କରୁଥିବାବେଳେ ଜଣେ ମାଫିଆ ଗାଡିରୁ ଫେରାର ହୋଇଯାଇଥିଲା। ପରେ ପୁଲିସ ଚାଳକକୁ କାବୁ କରିଥିଲା। ଥାନା ଅଧିକାରୀ ସଂଯୁକ୍ତା ମହାଳିକ ପରେ ମାଫିଆକୁ ଗୌଡ଼ଗାଁ ନିକଟରେ ଧରିଥିଲେ। ଗାଡି ଭିତରୁ ୧୨୩ ପକେଟ ପାଖାପାଖି ୧.୨୦ କ୍ୱିଣ୍ଟାଲ ଗଞ୍ଜେଇ ପୁଲିସ ଜବତ କରିଛି। ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ଧରାପଡ଼ିଥିବା ଚାଳକ ଓ ମାଫିଆ ପଶ୍ଚିମବଙ୍ଗ ରାଜ୍ୟ ଉତ୍ତର ଚବିଶ ପ୍ରଗଣା ଜିଲ୍ଲାର ବୋଲି ଜଣାପଡ଼ିଛି।

## ଭାରସାମ୍ୟ ହରାଇ ଭ୍ୟାନ ଦୁର୍ଘଟଣାଗ୍ରସ୍ତ



ମହୁଲଡିହା, ୫।୨(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅଧୀନ ସାତକୋଶିଆ ଘୋଡ଼ା ଘାଟି ବାଙ୍କରେ ଏକ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ନେଇ ଆସୁଥିବା ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୋମବାର ଆନନ୍ଦପୁର କରଞ୍ଜିଆ ନଂ ୫୩ ଜାତୀୟ ରାଜପଥରେ ଭୋରୁ ଏହି ଦୁର୍ଘଟଣା ଘଟିଥିଲା। ଗାଡିଟି ଦୁଗ୍ଧଜାତ ଦ୍ରବ୍ୟ ନେଇ ରାଇରଙ୍ଗପୁରକୁ ଯାଉଥିଲା। ଘାଟି ରାସ୍ତା ବାଙ୍କରେ ଡ୍ରାଇଭରର ଆଖି ଲାଗିଯିବାରୁ ଡାହାଣ ପଟ ଜଙ୍ଗଲ ଭିତରେ ପଶିଯାଇଛି। ହେଲେ ଚାଳକ ସୁରକ୍ଷିତ ଥିବା ଜଣାପଡ଼ିଛି। ମହୁଲଡିହା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

■ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଡକାୟତି ଉଦ୍ୟମ ବିଫଳ

## ସିସିଟିଭି ହାର୍ଡଡିସ୍କ ଓ ସୁରକ୍ଷାକର୍ମୀଙ୍କ ବନ୍ଧୁକ ନେଇ ଡକାୟତ ଫେରାର

ଯଶିପୁର, ୫।୨(ସମିସ): କିଛି ବର୍ଷ ତଳେ ଷ୍ଟେଟବ୍ୟାଙ୍କ ଶାଖାରେ ଡକାୟତି ହେବା ପରେ ପୁଣି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଟାର୍ଗେଟ କରିଛନ୍ତି ଡକାୟତ। ରବିବାର ବିଳମ୍ବିତ ରାତିରେ ଯଶିପୁର ବଜାର ନିକଟରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ପୁଣି ଗ୍ରୀଲ କାଟି ଡକାୟତମାନେ ଭିତରେ ପଶି ପ୍ରଥମେ ସାଇରନ୍ ତାର କାଟି ଷ୍ଟ୍ରଙ୍ଗ ରୁମରେ ପ୍ରବେଶ କରିଥିଲେ। ସକାଳୁ ବ୍ୟାଙ୍କ ଖୋଲା ହେବା ପରେ ପ୍ରଥମେ ସଫେଇ କର୍ମଚାରୀ ଓ ନିରାପତ୍ତା କର୍ମଚାରୀ ଦେଖି ବ୍ୟାଙ୍କ ମ୍ୟାନେଜରଙ୍କୁ ସୂଚନା ଦେଇଥିଲେ। ଗ୍ୟାସ କଟର ସାହାଯ୍ୟରେ ଟଙ୍କା ଭର୍ତ୍ତି ଥିବା ଆର୍ମଚେସର ପ୍ରଥମ ସ୍ତରକୁ ଡକାୟତ ଦଳ କାଟିଥିଲେ ମଧ୍ୟ ଟଙ୍କା ଓ ସୁନା ଗହଣା ଲୁଟ୍ କରିବାରେ ବିଫଳ ହୋଇଥିଲେ। ଖବର ପାଇ ପୁଲିସ ଓ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଡକାୟତମାନେ ବ୍ୟାଙ୍କରୁ ସିସିଟିଭିର ହାର୍ଡଡିସ୍କ ଓ ସିକ୍ୟୁରିଟି ଗାର୍ଡଙ୍କ ବନ୍ଧୁକ ମଧ୍ୟ ନେଇ ପଳାଇଛନ୍ତି।

## ବିଦ୍ୟାଳୟରେ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ

ରାଇରଙ୍ଗପୁର, ୫।୨(ସମିସ): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ବି.ଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଏହି ସଙ୍ଗୀତର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତ, ଅଧ୍ୟାପକ ବଳରାମ ମହାନ୍ତ, ସୁକାନ୍ତ କୁମାର ମହାନ୍ତି, ମାନସ କୁମାର ପରିଡ଼ା, ସତ୍ୟବାନ ସାହୁ, ରଜତ କୁମାର ଗିରି, ପୁରାତନ ଛାତ୍ର ପିକେ ଶତପଥୀ ପ୍ରମୁଖ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମେଳନ

ଉଦଳା, ୫।୨(ସମିସ): ଉଦଳା ଗୋଷ୍ଠୀ ଶିକ୍ଷା ତରଫରୁ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ସମ୍ମେଳନ-୨୦୨୪ ମେଣ୍ଢାଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କିଶୋର ଚନ୍ଦ୍ର ଦାସବାବୁ ଓଡିଆ ଭାଷାକୁ ବିଶ୍ୱସ୍ତରରେ ଉପସ୍ଥାପନ ପାଇଁ ସମସ୍ତଙ୍କର ପ୍ରୟାସ ରହିବା ଜରୁରୀ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଦଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦୀକ୍ଷିତ ଓଡିଆ ଭାଷା ପାଇଁ ମୌଳିକ ସ୍ତରରୁ ପ୍ରଚେଷ୍ଟା ରହିଲେ ବିଶ୍ୱ ବିଦିତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ଜେନା, ଏବିଇଓ ସନ୍ଧ୍ୟାରାଣୀ ବାରିକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏହି ଉଦ୍ଦେଶ୍ୟର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଉଦଳା ଏବିଇଓ ମିନତୀ ମଞ୍ଜରୀ ପଣ୍ଡା ସଭାପତିତ୍ୱ କରିଥିଲେ। ସିଆରସିସି ତାପସ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଶାସନିକ ଅଧିକାରୀଙ୍କ ଅବହେଳା

# 'ଜାଗା ମିଶନ'ରୁ ଭୂମିହୀନ ବଞ୍ଚିତ; ତେଜୁଛି ଅସନ୍ତୋଷ

ଉଦଳା, ୫।୨(ସମିସ)




ଉଦଳା ବ୍ଲକ ରାଢୋ ପଞ୍ଚାୟତର ୬ ଓ ୭ନଂ. ୱାର୍ଡବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଠାକାର ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇ ପରେ ଭୁଲିଗଲେ। ଗ୍ରାମବାସୀଙ୍କ କୌଣସି ସୁବିଧା ଆଜିଯାଏ ହେଲାନାହିଁ। ତେଣୁ ଦୁଇଟିଯାକ ୱାର୍ଡର ଲୋକେ ଆଗାମୀ ଦିନରେ ସେମାନଙ୍କ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆଗକୁ ନିର୍ବାଚନ ଥିବାରୁ ଏବେ ନେତାମାନେ ଦେଇଥିବା ପ୍ରତିଶ୍ରୁତି ଏବେ ବୁମେରାଂ ସାଜିବାକୁ ବସିଲାଣି। ଗ୍ରାମବାସୀ ଏବେଠାରୁ ଅଣ୍ଟାଭିଡିଲେଣି। ଆଜି ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ବି ପଟ୍ଟା ମିଳିନାହିଁ। ଏହି ଗ୍ରାମରେ ବସବାସ କରନ୍ତି ୩୦ରୁ ଅଧିକ ପରିବାର। ଏହି ପରିବାରର ଚାରି ପୁରୁଷ ଧରି ଏଠାରେ ରହିଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମବାସୀ ନିଜର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜନ ପ୍ରତିନିଧି, ସରକାରୀ ବାବୁ କେହି ବି ଏହି ଗ୍ରାମ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେଲାଣି। ଏପରିକି ଶିକ୍ଷିତ ଯୁବକ ଯୁବତୀ ଚାକିରି ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ବୃଦ୍ଧାଟିଏ ମୁଣ୍ଡ ଗୁଞ୍ଜିବାକୁ ଛପରଟିଏ ପାଇପାରୁନାହିଁ। ତେବେ ସବୁଠାରୁ ବଡ କଥା ହେଲା ଗ୍ରାମବାସୀମାନେ ଚାରି ପିଢି ହେଲା ସରକାରୀ ଜମିରେ ରହିଆସୁଛନ୍ତି। ସମସ୍ତ ପରିବାର ଭୂମିହୀନ। ଭୂମିହୀନ ହୋଇଥିବା କାରଣରୁ ଗ୍ରାମବାସୀ ବାରମ୍ବାର ସରକାରୀ ଅଫିସ୍ ଦୌଡିଛନ୍ତି। ଏ ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କୁ ମଧ୍ୟ ଗୁହାରି କଲେ ବି କୌଣସି ଫଳ ମିଳୁନାହିଁ। କେବଳ ନେତାମାନେ ଭୋଟ ସମୟରେ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି; କିନ୍ତୁ ପରେ ସେମାନେ ଭୁଲି ଯାଆନ୍ତି। ଫଳରେ ଆଜି ଯାଏଁ ଏହି ପରିବାରଗୁଡିକ ସରକାରଙ୍କ ଜାଗା ମିଶନରେ କୌଣସି ସହାୟତା ଯୋଗାଇ ଦିଆଯାଉନାହିଁ। ଭୂମିହୀନଙ୍କୁ ସରକାର ୪ ଡେସିମିଲ୍ ଜାଗା ଦେବା ପାଇଁ ଘୋଷଣା କରିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏଠାରେ ରହୁଥିବା ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା କିମ୍ବା ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ସେମାନଙ୍କ ସମସ୍ୟା ପୂରଣ ନହେଲେ ଆଗାମୀ ଦିନରେ ଭୋଟ ବର୍ଜନ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ହରିଶ ପାତ୍ର, ସେବତୀ ପାତ୍ର, ମାଳତୀ ମଲ୍ଲିକ, ଭାରତୀ ପାତ୍ର ଏବ ପୂଜା ପାତ୍ରଙ୍କ ସମେତ ଅନ୍ୟମାନେ କହିଛନ୍ତି।

## ଜନଜାତି ସାଂସ୍କୃତିକ ସମ୍ମିଳନୀ 'ଆଦିଫେଷ୍ଟ' ଉଦ୍‌ଘାଟିତ



ଖୁଣ୍ଟ/ଶୁକୁଳି, ୫।୨(ସମିସ)

ଓଡ଼ିଶାର ବିଭିନ୍ନ ଜନଜାତିର କଳା ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ କ୍ରମେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଯଶିପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରରୁଆଁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଜନଜାତି ସାଂସ୍କୃତିକ ସମ୍ମିଳନୀ 'ଆଦିଫେଷ୍ଟ -୨୦୨୪' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ଉପାଧ୍ୟକ୍ଷା କମଳା ତିରିଆ, କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପି.ଏ, ଆଇଟିଡିଏ ଦେବଯାନୀ ଭୂୟାଁ, ବିଡିଓ ପ୍ରେମାନନ୍ଦ ବେହେରା, ପୂର୍ବତନ ବିଧାୟକ ମଙ୍ଗଲ ସିଂ ମୁଦି, ରରୁଆଁ ବ୍ଲକ ଚେୟାରମ୍ୟାନ ଅଜିତ ତିରିଆ, ବ୍ଲକ ସଭାପତି ଅମରେଶ ଭଞ୍ଜ, ନରେଶ ଗିରି ଓ ବିଶେଶ୍ୱର ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟା ବଦନୀ ମୁଦି, ମିନତୀ ତିରିଆ, ମିନତୀ ନାଏକ, ପୁତୁଲୀ ହାଇବ୍ରୁ, ସୁଜାତା ହୋ, ସଭ୍ୟ ବିକାଶ ରଞ୍ଜନ ସି, ପରମେଶ୍ୱର ନାଏକ, ବରିଷ୍ଠ ସମାଜସେବୀ ମହେଶ ହେମ୍ବ୍ରମ, ଚକ୍ରଧର ହେମ୍ବ୍ରମ, ଗୋଲକ ନାଏକ, ପତି କାରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଯଶିପୁର, ରରୁଆଁ ଓ ଶୁକୁଳି ବ୍ଲକର ୪୭ଟି ସାଂସ୍କୃତିକ ଦଳ ଚିତ୍ତାକର୍ଷକ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୮ ହଜାର ଦର୍ଶକଙ୍କ ସମାବେଶ ହୋଇଥିଲା।

## ହେମନ୍ତ ସୋରେନଙ୍କ ଗିରଫ ପ୍ରତିବାଦରେ ଜେଏମ୍‌ଏମ୍‌ର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

କରଞ୍ଜିଆ, ୫।୨(ସମିସ): ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଇଡି ପକ୍ଷରୁ କରାଯାଇଥିବା ଗିରଫ ପ୍ରତିବାଦରେ ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କୁ ଜେଏମଏମ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦଳୀୟ କର୍ମୀମାନେ ମାଣିକ ଛକ ନିକଟରୁ ଏକ ସଭାଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା ସମ୍ପାଦକ ଭାଦବ ସୋରେନ ଓ କରଞ୍ଜିଆ ବ୍ଲକ ସଭାପତି ପଦ୍ମଲୋଚନ ଟୁଡୁ ନେତୃତ୍ୱ ନେଇଥିଲେ। କର୍ମୀମାନେ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିବା ସହିତ ତୁରନ୍ତ ତାଙ୍କୁ ଖଲାସ କରିବାକୁ ଦାବି କରିଥିଲେ। ପରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



## ରାଷ୍ଟ୍ରପତିଙ୍କ ଜ୍ୟେଷ୍ଠ ପୁତ୍ରଙ୍କ ଜୟନ୍ତୀ ପାଳିତ



ରାଇରଙ୍ଗପୁର, ୫।୨(ସମିସ): କୁସୁମୀ ବ୍ଲକ ପାହାଡ଼ପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାସଭବନରେ ତାଙ୍କ ଜ୍ୟେଷ୍ଠପୁତ୍ର ଲକ୍ଷ୍ମଣ ମୁର୍ମୁଙ୍କ ୪୧ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସଏଲଏସ ବିଦ୍ୟାଳୟ ପରିବାର ବରିଷ୍ଠ ସଦସ୍ୟ ସତୀଶ ପ୍ରତିହାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଜୟ ଗିରି ପ୍ରମୁଖ ଲକ୍ଷ୍ମଣ ମୁର୍ମୁଙ୍କ ସ୍ମୃତିଚାରଣ କରିଥିଲେ। ପରେତ ତାଙ୍କର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ମୁର୍ମୁ, ରୁକ୍ମିଣୀ ମୁର୍ମୁ, ହରି ସାହୁ, କିଶୋର ରଜକ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା, ଗ୍ରାମବାସୀ ଉପସ୍ଥିତ ଥିଲେ।

## ପ୍ରତାପପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବଡ଼ସାହି, ୫।୨(ସମିସ)



ଭାଷା, ସଂସ୍କୃତି ଓ ପରମ୍ପରା ବଞ୍ଚାଇବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତାପପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଡକ୍ଟର ନୀଳକଣ୍ଠ ମିଶ୍ର ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣୀପୀଠର ଅଧ୍ୟକ୍ଷ ଡ. କୁମାର ବାବୁଲି ସଭାପତିତ୍ୱ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଉତ୍କଳୀୟ ଶିକ୍ଷା ବ୍ୟବସ୍ଥାରେ ଏହି ଶିକ୍ଷା କେନ୍ଦ୍ରର ଭୂମିକା ବେଶ୍ ଉପାଦେୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଲ୍ଲୀପ୍ରଭାର ସମ୍ପାଦିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ, ସୁରେଶ୍ ଚନ୍ଦ୍ର ସାହୁ ଓ ସୁପ୍ରଭା ପାଣିଗ୍ରାହୀ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜାହ୍ନବୀ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ସବିତା ଷଡ଼ଙ୍ଗୀ, ଉର୍ମିଳା ନାଏକ, ଲକ୍ଷ୍ମୀପ୍ରିୟା ଗିରି, ବର୍ଷା ବିନ୍ଧାଣୀ ଓ ନିବେଦିତା ନାଏକ ପରିଚାଳନା କରିଥିଲେ। ପ୍ରଥମେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ଗୁରୁମା ଦିପ୍ତୀରେଖା ମହାକୁଡ଼ଙ୍କ ଲେଖା ଓ ସ୍ୱର ସଂଯୋଜନାରେ ଆବାହନୀ ସଙ୍ଗୀତ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗାନ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁରୁଜୀ କାର୍ତ୍ତିକ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନିକ ସାକ୍ଷାତକାର କାର୍ଯ୍ୟକ୍ରମ

# 'ଗଣମାଧ୍ୟମ ହିଁ ସମାଜର ବାସ୍ତବ ବିକାଶର ବାର୍ତ୍ତାବହ'

ଉଦଳା, ୫।୨(ସମିସ)




କପ୍ତିପଦା ଉପଖଣ୍ଡ ଗଣମାଧ୍ୟମ ପ୍ରତିନିଧି ସମୂହଙ୍କ ସହ ଏକ ପ୍ରଶାସନିକ ସାକ୍ଷାତକାର କାର୍ଯ୍ୟକ୍ରମ କପ୍ତିପଦା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କପ୍ତିପଦା ଉପଖଣ୍ଡର ଗଣମାଧ୍ୟମ ପ୍ରତିନିଧି ଯୋଗଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଯୋଗଦେଇ ଉଦଳାର ସ୍ୱଳ୍ପକାଳୀନ କାର୍ଯ୍ୟକାଳ ମଧ୍ୟରେ ଏଠାକାର ଗଣମାଧ୍ୟମ ପ୍ରତିନିଧି ତଥା ମୋର ସମସ୍ତ ସହକର୍ମୀଙ୍କ ସହଯୋଗ ମୁଁ ଜୀବନରେ କେବେ ଭୁଲିପାରିବି ନାହିଁ ବୋଲି କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ କପ୍ତିପଦା ଉପଖଣ୍ଡ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯେଉଁ ଦାୟିତ୍ୱ ମାନ ରହିଛି ତାହା ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ପୂର୍ଣ୍ଣ ସହଯୋଗ ମିଳିଲେ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପରାମର୍ଶ କ୍ରମେ ତାର ସମାଧାନ ପାଇଁ ମୁଁ ଆପ୍ରାଣ ଉଦ୍ୟମ କରିବି ବୋଲି ଆଶାବ୍ୟକ୍ତ କରିଥିଲେ। ବୈଠକରେ ବରିଷ୍ଠ ସାମ୍ବାଦିକ ଅରୁଣ ମହାନ୍ତି, ସଲାଏ ମାରାଣ୍ଡି, ସୁବ୍ରତ ମହାନ୍ତି, ସନ୍ତୋଷ ବାଛିନୀ, ନିମାଇଁ ଦାସ, ଜଗବନ୍ଧୁ ପ୍ରଧାନ, ସନ୍ତୋଷ ଶତପଥୀ ଓ କୃଷ୍ଣଚୈତନ୍ୟ ସଦୁଆଳ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମସ୍ୟା ମଧ୍ୟରେ ମୁଖ୍ୟତଃ ବିଭିନ୍ନ ସରକାରୀ ବିଭାଗ ତରଫରୁ ଗଣମାଧ୍ୟମକୁ ଅଣଦେଖା, ତିନିରୁ ଛଅ ମାସ ମଧ୍ୟରେ ଉପଖଣ୍ଡର ପ୍ରଶାସନିକ ଅଧିକାରୀ ଏବଂ ଗଣମାଧ୍ୟମ ମଧ୍ୟରେ ସାକ୍ଷାତକାର, ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉଦଳାରେ ଏକ ସମ୍ମିଳନୀ କକ୍ଷର ଆବଶ୍ୟକତା ଆଦି ନେଇ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନବନିଯୁକ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କୁ ମଧ୍ୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ଅଜିତ ମହାପାତ୍ର ଓ କରୁଣାକର ମହାନ୍ତ ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ବିଶ୍ୱ କର୍କଟ ଦିବସ ପାଳିତ

ରାଇରଙ୍ଗପୁର, ୫।୨(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ କର୍କଟରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ଶତପଥୀ ଛାତ୍ରୀମାନଙ୍କୁ କର୍କଟ ଉପରେ ବାର୍ତ୍ତା ଦେଇଥିଲେ। ଆବାହକ ବିଜୟ ରାମ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୀତା ବାସ୍କେ, ମନସ୍ମିତା ମହାନ୍ତ, ନିପା ମହାନ୍ତ, ସୁସମା ମହାନ୍ତ, ହେମପ୍ରଭା ବାରିକ, ଅନୀତା ନାଏକ, ପାର୍ବତୀ ସୋରେନ, ପ୍ରିୟତମା ମାଝି ଉପସ୍ଥିତ ଥିଲେ।

## ୩ଟି ସନ୍ତାନ ଥିବାରୁ ୱାର୍ଡ ସଭ୍ୟାଙ୍କ ପଦ ଅସିଦ୍ଧ କଲେ ଅଦାଲତ

ବେତନଟୀ/ବୈଶିଙ୍ଗା, ୫।୨(ସମିସ): ଗତ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୩ଟି ସନ୍ତାନର ଜନନୀ ୱାର୍ଡସଭ୍ୟା ନିର୍ବାଚିତ ହେବାକୁ ନେଇ ବିଚାରାଧୀନ ମାମଲାର ଶୁଣାଣିକରି ଶନିବାର ବେତନଟୀ ଜେଏମଏଫସି କୋର୍ଟର ବିଚାରପତି ଏ. ଅବିନାଶ ନାଇଡୁ ସମ୍ପୃକ୍ତ ମହିଳାଙ୍କ ୱାର୍ଡସଭ୍ୟା ପଦ ଅସିଦ୍ଧ କରାଯାଇଥିବା ନେଇ ରାୟ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ୨୦୨୨ ମସିହା ଫେବୃଆରୀ ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଏଥିରେ ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ପଞ୍ଚାୟତର ୧୫ନଂ ୱାର୍ଡସଦସ୍ୟା ଭାବରେ ବ୍ରହ୍ମପୁରାର କୃତ୍ତିବାସ ମହାନ୍ତଙ୍କ ପତ୍ନୀ ଅପୂର୍ବମଣି ମହାନ୍ତ ୬୧ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତେବେ ଏହି ନିର୍ବାଚନରେ ୬୦ଖଣ୍ଡ ଭୋଟ ପାଇଥିବା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡାଙ୍ଗିରିପୁରାର ହରିଶ୍ଚନ୍ଦ୍ର ପ୍ରଧାନ ଏହାକୁ ନେଇ ଓଡ଼ିଶା ନିର୍ବାଚନ କମିଶନ, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ବେତନଟୀ ବିଡିଓଙ୍କୁ ପକ୍ଷଭୁକ୍ତକରି କୋର୍ଟର ଆଶ୍ରୟ ନେଇଥିଲେ। ୱାର୍ଡସଦସ୍ୟା ଭାବରେ ବିଜୟୀ ହୋଇଥିବା ଅପୂର୍ବମଣି ମହାନ୍ତଙ୍କ ୩ଟି ସନ୍ତାନ ଥିବାନେଇ ହରିଶ୍ଚନ୍ଦ୍ର ଅଦାଲତରେ ମାମଲା ଦାଏର କରିଥିଲେ। ତେବେ ୧୯୯୫ ମସିହା ଏପ୍ରିଲ ୨୧ତାରିଖ ପୂର୍ବରୁ ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ଏବଂ ସମ୍ପୃକ୍ତ ତାରିଖ ପରଠାରୁ ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ଭାଗ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଏ ନେଇ ହରିଶ୍ଚନ୍ଦ୍ରଙ୍କ ଆବେଦନକ୍ରମେ ବେତନଟୀ ଜେଏମଏଫସିଙ୍କ ଅଦାଲତରେ ବିଚାରାଧୀନ ରହିଥିଲା। ଶେଷରେ ମାମଲା ସହିତ ଜଡିତ ସମସ୍ତ ସାକ୍ଷ୍ୟପ୍ରମାଣକୁ ଆଧାରକରି ୱାର୍ଡସଦସ୍ୟା ଅପୂର୍ବମଣିଙ୍କ ୩ଟି ସନ୍ତାନ ଥିବାନେଇ ପ୍ରମାଣିତ ହେବାପରେ ଶନିବାର ବିଚାରପତି ଏ.ଅବିନାଶ ନାଇଡୁ ମାମଲାର ଶୁଣାଣିକରି ତାଙ୍କର ୱାର୍ଡସଦସ୍ୟତାକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏନେଇ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ବେତନଟୀ ବିଡିଓଙ୍କୁ କୋର୍ଟ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଲମ୍ବୋଦର ନାୟକ ମାମଲା ପରିଚାଳନା କରୁଥିଲେ।

● କ୍ରୀଡ଼ା ଓ ଆଦିବାସୀ ସଂସ୍କୃତିର ଐତିହ୍ୟ ପର୍ବ 'ବାଛୁଣିଆ ମହୋତ୍ସବ'

# ଧୂମ୍‌ସାର ତାଳେ ତାଳେ ନାଚିଲେ ଆଦିବାସୀ

ବିଶୋଇ, ୫।୨ (ସମିସ): ଓଡ଼ିଶା ବିଧାନସଭାର ପ୍ରଥମ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଦିବଂଗତ ସୁନାରାମ



ସୋରେନଙ୍କ ୧୦୬ତମ ଜୟନ୍ତୀ ଅବସରରେ ବାଛୁଣିଆ ଭଞ୍ଜଇପିଲ ସୁନାରାମ ସୋରେନ ୟୁଥ କ୍ଲବ ଆନୁକୂଲ୍ୟରେ ବାଛୁଣିଆଠାରେ ୩୩ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅତିଥି ଭାବରେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି ଓ ସମିତି ସଦସ୍ୟ କାଶୁ ମାଝୀ ଯୋଗଦେଇ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ସକାଳେ ଗ୍ରାମର ଶତାଧିକ ମହିଳା ମାଦଳ ଧୂମସାର ତାଳେ ତାଳେ ପାରମ୍ପରିକ ନୃତ୍ୟ ପରିବେଷଣ କରି ଗ୍ରାମ ନାଏକେ ବାବାଙ୍କୁ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ନିକଟକୁ ପାଛୋଟି ଆଣିଥିଲେ। ନାଏକେ ବାବା ରାମଦାସ ଟୁଡୁ ରୀତିନୀତି ଅନୁସାରେ ସୁନାରାମଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିବାପରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିବା ପ୍ରାକ୍ତନ ସାଂସଦ ଙ୍ଗ ରାମଚନ୍ଦ୍ର ହାଁସଦା, ଖଡ଼ମବେଡା ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅପରାହ୍ନରେ ବାଳକ ବାଳିକା ବିଭାଗର ଦୌଡ଼, ଲମ୍ଫଡିଆ. ସାଧାରଣଜ୍ଞାନ ପରୀକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିଯୋଗୀଙ୍କ ପକ୍ଷରୁ ଡ଼ାଣ୍ଟା, ଦାସାଏଁ, ଲାଗଣେ, ଲଟାଦିପିଲ, ବାହା ଓ ବା ସୁସୁନ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ହଜାର ହଜାର ଦର୍ଶକ ପାରମ୍ପରିକ ନୃତ୍ୟ ଦେଖି ମନ୍ତ୍ରମୁଗ୍ଧ ହୋଇଥିଲେ। ସନ୍ଧ୍ୟାରେ କ୍ଲବର ଉପଦେଷ୍ଟା ଚୈତନ୍ୟ ହାଁସଦାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିରୂପେ ମୟୂରଭଞ୍ଜ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଙ୍ଗ ବିଶେଶ୍ୱର ଟୁଡୁ ଯୋଗଦେଇ ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଏହି ମହୋତ୍ସବ ଅନ୍ୟତମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସାରସକଣା ବିଧାୟକ ଡାକ୍ତର ବୁଡାନ ମୁର୍ମୁ, ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ପ୍ରାକ୍ତନ ସାଂସଦ ଙ୍ଗ ରାମଚନ୍ଦ୍ର ହାଁସଦା, ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ଖଡ଼ମବେଡା ସରପଞ୍ଚ ସୋମବାରୀ ସିଂ, ବିଶୋଇ ସମିତି ସଦସ୍ୟ କାଶୁ ମାଝୀ, ଖଡ଼ମବେଡା ପଞ୍ଚାୟତ ସମିତି ସଦସ୍ୟ ବାସନ୍ତୀ ହାଁସଦା, ସମାଜସେବୀ ସହଦେବ ବେଶ୍ରା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ, ଏନ. ବି ପୋଖରିଆ ପଞ୍ଚାୟତ ସମିତି ସଦସ୍ୟ ଅମର ସିଂ ଟୁଡୁ, ଜୁରିଲାଲ ମହାନ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅତିଥିମାନେ କୃତୀ କ୍ରୀଡାବିତ୍ ଓ ନୃତ୍ୟ ଦଳକୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ୮ଟି ଦଳକୁ ନେଇ ଫୁଟବଲ ପ୍ରତିଯୋଗିତା ହେବ। କ୍ଲବର ବରିଷ୍ଠ ସଦସ୍ୟ ମହେଶ୍ୱର ପାତ୍ର ଅତିଥି ପରିଚୟ ଦେଇଥିଲେ। ସଭାପତି ପ୍ରକାଶ ସୋରେନ, ସମ୍ପାଦକ ସାମନ୍ତଶେଖର ମାଝୀ, ସାଇବୁ ସୋରେନ, ଚନ୍ଦ୍ରମୋହନ ଟୁଡୁ, ସିଙ୍ଗରାୟ ହେମ୍ବ୍ରମ, ଚୁନୁରାମ କିସ୍କୁ, ଫାଗୁ ହେମ୍ବ୍ରମ, ରାମ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ସୁନାରାମ ସୋରେନଙ୍କ ୧୦୬ତମ ଜୟନ୍ତୀ**




## ସୁନାରାମ ସୋରେନଙ୍କ ଜୟନ୍ତୀ ପାଳିତ



ରାଇରଙ୍ଗପୁର, ୫।୨(ସମିସ): ବାମନଘାଟି ଉପଖଣ୍ଡ ଜାମଦା ବ୍ଲକ ହରିଲାବେଡାସ୍ଥିତ ଯାଦୁମହଲ କ୍ଲବ ଆନୁକୂଲ୍ୟରେ ସୁନାରାମ ଛକରେ ୧୦୬ତମ ସୁନାରାମ ସୋରେନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଆଦିବାସୀଙ୍କ ପାରମ୍ପରିକ ପୂଜାପାଠ ପରେ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କମିଟି ସଦସ୍ୟଗଣ ସୁନାରାମ ସୋରେନଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମାଦଳର ତାଳେ ଆଦିବାସୀମାନେ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ସଭାପତି ଲାଲ ମୋହନ ମୁର୍ମୁ, ସମ୍ପାଦକ ଚୁନୁରାମ ହାଁସଦାଃ, ରାମଚନ୍ଦ୍ର ମାର୍ଣ୍ଡି, ରଘୁନାଥ ସୋରେନ, ମନରାମ ମୁର୍ମୁ, ମଙ୍ଗଲ ଟୁଡୁ, ଯାଦୁ ହାଁସଦାଃ, ଦାଖିନ ହାଁସଦାଃ, ଯଦୁନାଥ ସୋରେନ ଓ ଜାମଦା ପାରଗାନା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

କରଞ୍ଜିଆ, ୫।୨(ସମିସ): ରବିବାର କରଞ୍ଜିଆ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ୧୫ଟି ପଞ୍ଚାୟତ ଓ ଏନଏସିରୁ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଭୁବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀ ଯୁବନେତା ଲକ୍ଷ୍ମୀଧର ସିଂ ଗୋଲାପ ମଞ୍ଜରୀ ସୋରେନ, କିଷାନ ସୋରେନ, କେଦାର ସେଠୀ, ଧରଣୀ ମହାନ୍ତ, ପ୍ରଫୁଲ୍ଲ ବେହେରା, ବାବୁରାମ ବେସ୍ରା, ନଗର ସଭାପତି ଲାଲନ ସିହ୍ନା, ବ୍ଲକ ସଭାପତି ନିର୍ମଳ ସେଠୀ, ନେତୃତ୍ୱ ବିକାଶ ମଞ୍ଚର ସଂଯୋଜକ ସେକ ଜାକିର ସମେତ ପର୍ଯ୍ୟବେକ୍ଷକ ଏମଡି ଇନତାଜ ହୁସେନ ଯୋଗଦେଇ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ନିର୍ବାଚନକୁ ଆଖି ଆଗରେ ରଖି ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

## କୂଅରୁ ବଳଦ ଉଦ୍ଧାର

ମହୁଲଡିହା, ୫।୨( ସମିସ): ମହୁଲଡିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମପଞ୍ଚାୟତର ଜାମୁନଣ୍ଡା ଗ୍ରାମର ରତ୍ନାକର ନାଏକ(୪୭)ଙ୍କ ଗୋଟିଏ ବଳଦ କୂଅରେ ପଡ଼ି ଥିବାବେଳେ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଘଟଣାରୁ ପ୍ରକାଶ ଯେ, ଜାମୁନଣ୍ଡା ଗ୍ରାମର ଜୁଗୁ ହୋ ୱାଡ଼ି ଯୋଜନାରେ ନାବାର୍ଡ ସହାୟତାରେ ଆମ୍ବ ବଗିଚାରେ ଏକ ଚାନ୍ଦିନୀ ବିହିନ ଖୋଲା କୂଅ ୧୫ ବର୍ଷ ପୂର୍ବରୁ ଖୋଳା ହୋଇଥିଲା। ବଳଦଟି ସେହି କୂଅରେ ପଡ଼ିଯାଇ ରଡ଼ି ଛାଡିବାରୁ ଲୋକେ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ରାତି ୯ ଟାରେ କୂଅରୁ ଉକ୍ତ ବଳଦକୁ ଉଦ୍ଧାର କରିଥିଲେ। ପ୍ରକାଶ ଥାଉକି ରତ୍ନାକରଙ୍କ କିଛି ଦିନ ପୂର୍ବରୁ ଗୋଟିଏ ବଳଦ ଏହି କୂଅର ପଡ଼ି ମୃତ୍ୟୁବରଣ କରିଥିଲା।

## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ବାଙ୍ଗିରିପୋଷି, ୫।୨(ସମିସ): ବାଙ୍ଗିରିପୋଷି ବ୍ଲକ ନିଶ୍ଚିନ୍ତା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜନ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ସୁକ୍ରା ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିବା ସହିତ ଜନସାଧାରଣଙ୍କୁ ଆମ ଓଡ଼ିଶା ନବୀନ ଓଡ଼ିଶାର ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ରୂପେଶ କୁମାର ନାଏକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ। ବ୍ଲକ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ପଢ଼ିଆରୀ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ରୋଜଗାର ସେବକ ତାପସ କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦ୍ୱିତୀୟ ବର୍ଷ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କରଞ୍ଜିଆ, ୫।୨(ସମିସ): କାଦଡିହା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଦ୍ୱିତୀୟ ବର୍ଷ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଭାରେ ଅଧ୍ୟାପକ ତପନ କୁମାର ବେହେରା, ରଞ୍ଜନ କୁମାର ବେହେରା, ନାରାୟଣ ମହାନ୍ତ କାଞ୍ଚନ କୁମାର ବାରିକ, ପଦ୍ମାବତୀ ମହାନ୍ତ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ ସହିତ ନୂତନ ଶିକ୍ଷାର ମାର୍ଗଦର୍ଶନର ଏହା ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ବିଦାୟ କେବଳ ଜୀବନରେ ଥରେ ହିଁ ଆସେ। ଏହା କେବଳ ଜଣେ ବନ୍ଧୁ ବା ସାଙ୍ଗ ନିକଟରୁ କେବଳ ଅନ୍ତର ମାତ୍ର। ତେଣୁ ମନଦେଇ ପାଠ ପଢ଼ି ଆଦର୍ଶ ମାର୍ଗ ନିରୂପଣ କରିବା ଆଜିର ଜୀବନରେ ଶ୍ରେୟ ହେବା ଆବଶ୍ୟକ ବୋଲି ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। କାଞ୍ଚନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ ଫାଉଣ୍ଡେସନ ପକ୍ଷରୁ ୱାକାଥନ



ବେତନଟୀ, ୫।୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଧାନ ଫାଉଣ୍ଡେସନ ବେତନଟୀ ଶାଖା ପକ୍ଷରୁ ଶନିବାର ୱାକାଥନ-୨୦୨୪ ଆୟୋଜିତ ହୋଇଯାଇଛି। ଦମୟନ୍ତୀ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶାମାଖୁଣ୍ଟାସ୍ଥିତ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଜଗନ୍ନାଥ ପାତ୍ର ମଞ୍ଚାସୀନ ଥିଲେ। ଆୟୋଜକ ଧାନ ଫାଉଣ୍ଡେସନର ଆଞ୍ଚଳିକ ସଂଯୋଜକ ଜ୍ୟୋତିପ୍ରକାଶ ରାଉତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବଡସାହି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାପ୍ରବନ୍ଧକ ଶିବଶଙ୍କର ବେହେରା, ବେତନଟୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାପ୍ରବନ୍ଧକ ପ୍ରଳୟ ବେହେରା, ସିଂହଟିଆ ଓଜିବି ବ୍ୟାଙ୍କଶାଖା ପରିଚାଳକ ଜଗନ୍ନାଥ ଟୁଡୁ, ବୈଶିଙ୍ଗା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାପ୍ରବନ୍ଧକ ସଞ୍ଜୁକ୍ତା ପ୍ରଧାନ, କୃଷିବିଭାଗ ପକ୍ଷରୁ ଭିଏଡବ୍ଲ୍ୟୁ ଅଭୟ କୁମାର ସାହୁ, ସୁମିତ୍ରା ହାଁସଦା, ଓଡ଼ିଶା ଜୀବିକା ମିଶନର ବେତନଟୀ ବ୍ଲକ ଅଧିକାରୀ ଡ. ସୁଶ୍ରୀ ମଧୁଛନ୍ଦା ବେହେରା, ବେତନଟୀ କଲେଜ ଅଧ୍ୟାପିକା କଳ୍ପଲତା ବେହେରା, ଆୟୁଷ ବିଭାଗର ଡ. ରାଜଶ୍ରୀ ସାହୁ, ସିଏଫଏଲ ଅଶ୍ୱିନୀ ମଲ୍ଲିକ, ବେତନଟୀ କଳାଜିୟମ ଏସଏଚଜି ମହାସଂଘର ସଭାନେତ୍ରୀ ପଦ୍ମାବତୀ ମହାନ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ବିଶାଳ ପଦଯାତ୍ରା ଆରମ୍ଭ ହୋଇ ବଜାର ପରିକ୍ରମା କରିଥିଲା। ପରେ ଦମୟନ୍ତୀ ମଣ୍ଡପରେ ଆୟୋଜିତ ସଭାରେ ଫାଉଣ୍ଡେନ ପକ୍ଷରୁ ଏସଏଚଜି ମହିଳାଙ୍କୁ ନେଇ ନିଆଯାଇଥିବା ବିଭିନ୍ନ ଗଠନମୂଳକ ପଦକ୍ଷେପ ବାବଦରେ ଆଲୋଚନା କରାଯାଇଥିଲା। ଫାଉଣ୍ଡେସନ ପକ୍ଷରୁ ମହିଳାମାନଙ୍କ ଦକ୍ଷତା ବିକାଶ ନିମନ୍ତେ ତାଲିମ୍ ସାଙ୍ଗକୁ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା କିଭଳି ଗାଁ ଗହଳିର ମହିଳାମାନେ କୁଶଳୀ ହେବା ସହିତ ରୋଜଗାରକ୍ଷମ ପୂର୍ବକ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରୁଛନ୍ତି ସେନେଇ ଅତିଥିମାନେ କ୍ତବ୍ୟ ଉପସ୍ଥାପନ କରିଥିଲେ। ରିଜିଓନାଲ ଆକାଉଟାଣ୍ଟ ସୁମିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର

ଚିତ୍ରଡା, ୫।୨(ସମିସ): ରସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନଳଗଜା ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୮ ଦିନ ଧରି ଚାଲିଥିବା ଶିବିରରେ ଶତାଧିକ ଛାତ୍ରୀ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେରେ ଅଧ୍ୟକ୍ଷା କବିତା ମଞ୍ଜରୀ ଦଣ୍ଡପାଟ ଅତିଥି ରୂପେ ଯୋଗ ଦେଇ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରି ପ୍ରତିକୂଳ ପରିସ୍ଥିତିରେ କିପରି ନିଜକୁ ସୁରକ୍ଷା ରଖିପାରିବେ ସେ ନେଇ ମନ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସଂଯୁକ୍ତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଥିଲା। ପ୍ରଶିକ୍ଷକ ଛିତା ସୋରେନ ସମେତ ପ୍ରଧାପିକା ଡ ସାଧନା ରାଉତ ଏବଂ ଅଳକା ନାୟକ ସହଯୋଗ କରିଥିଲେ।

## ରୁଦ୍ର ମହାଯଜ୍ଞ ପାଇଁ କଳସଯାତ୍ରା

ବହଳଦା, ୫।୨(ସମିସ): ବହଳଦା ନିକଟ ବ୍ରାହ୍ମଣ ଶାସନ ଝାଡଗାଁ (ଯଦୁନାଥପୁର) ଶିବ ମନ୍ଦିର



ନିକଟରେ ୨ ଦିନିଆ ରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ଅନୁଷ୍ଠିତ ହେଉଛି। ପଣ୍ଡିତ ଶ୍ରୀକାନ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ସତ୍ୟନାରାୟଣ ତ୍ରିପାଠୀ ଓ ପଣ୍ଡିତ ପ୍ରତାପ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାର ଅଧିବାସ ପରେ ରବିବାର ଗ୍ରାମପୋଖରୀରୁ ୧୦୮ ମହିଳା ଓ ପୁରୁଷଙ୍କ ଦ୍ୱାରା ପୂର୍ଣ୍ଣ କୁମ୍ଭ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ପରେ ମଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ରୁଦ୍ର ପୂଜା ଓ ହୋମ ଆଦି ଅନୁଷ୍ଠିତ ହୋଇଥିଲା। ସୋମବାର ପୁଣି ସୂର୍ଯ୍ୟପୂଜା ଓ ହୋମଯଜ୍ଞାଦି ପରେ ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯିବ। ନୀଳରତନ ସାମନ୍ତରାୟ, ଅରୂପ ସାମନ୍ତରାୟ, ଧୀରେନ ମିଶ୍ର, ଧୃବେନ୍ଦ୍ର ମିଶ୍ର ଓ ସମସ୍ତ ଗ୍ରାମବାସୀ, ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ସହିଦ୍ ବାବାତିଲକା ମାଝୀଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ଝରାଡିହି, ୫।୨(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟି ପଞ୍ଚାୟତ ପାତ୍ରାମହୁଲପାଣି ସ୍ଥିତ ବାବାତିଲକା ଲାଇବ୍ରେରୀ ପ୍ରାଙ୍ଗଣରେ ମହାନ୍ ସହିଦ୍ ବାବା ତିଲକା ମାଝୀଙ୍କ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ପ୍ରତିଷ୍ଠାତା ସମ୍ପାଦକ ରାମଦାସ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାଠାଗାର ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ମାନବଧିକାର କର୍ମୀ ପୀତାମ୍ବର ମୁର୍ମୁ, ସେନ୍ ଟୁଡୁ, ହରିଶ ହାଁସଦା, ଗୋପିନାଥ ହାଁସଦା (ପୂର୍ବତନ ସରପଞ୍ଚ), ପୂର୍ବତନ ବ୍ୟାଙ୍କ କର୍ମଚାରୀ ମଙ୍ଗଳ ମାର୍ଣ୍ଡି, ଭଜରାୟ ହାଁସଦା (ଗିଦିଘାଟୀ ମାଝୀବାବା), ଫାଗୁ ମାଝୀ (ପାତ୍ରାମହୁଲପାଣି ମାଝୀବାବା), ଦେବଦତ୍ତ ରାମସ୍ୱରୂପ ଟୁଡୁ, ମୋହନ ମାହାଲି, ଲେବ ସୋରେନ୍, ସାୱନା ହେମ୍ବ୍ରମ ଏବଂ ବହଳଦା ବ୍ଲକ ପେସା ଗ୍ରାମସଭା ସଂଯୋଜକ ବସନ୍ତ କୁମାର ସାଣ୍ଡିଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା ୧୧ ତାରିଖରେ ବାବାତିଲକା ମାଝୀଙ୍କ ୨୭୫ତମ ଜୟନ୍ତୀ ପାଳନ ହେବ। ପାତ୍ରାମହୁଲପାଣି ସ୍ଥିତ ବାବାତିଲକା। ପାଠାଗାର ପ୍ରାଙ୍ଗଣରେ ପୂଜା ଅର୍ଚ୍ଚନା ପରେ ପାରମ୍ପରିକ ବାଦ୍ୟ ସହିତ ବିଭିନ୍ନ ଗ୍ରାମ ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି।

## ବଡ଼ାମପୁର ଗାଁ ଦାଣ୍ଡରେ ଗଜରାଜ

ବେତନଟୀ, ୫।୨(ସମିସ): ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୪ଟି ହାତୀ ପୃଥକ ଭାବରେ ବିଚରଣ କରୁଥିବା ବେଳେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି। ରବିବାର ଅପରାହ୍ନରେ ସଂରକ୍ଷିତ ଜଙ୍ଗଲରୁ ହାତୀ ବାହାରି ବଡାମପୁର ଗ୍ରାମରେ ପ୍ରବେଶ କରିଥିଲା। ଫଳରେ ହାତୀକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ହାତୀର ଗତିବିଧି ଉପରେ ବନବିଭାଗ ନଜର ରଖିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଗ୍ରାମବାସୀ ଏବଂ ହାତୀ ମଧ୍ୟରେ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି।



## ଆଦିବାସୀ ଲୋକକଳା ନାଚ ଓ ଗୀତରେ ବିକାଶର ଝଲକ କାର୍ଯ୍ୟକ୍ରମ

ରାଇରଙ୍ଗପୁର, ୫।୨(ସମିସ): ଜାମଦା ବ୍ଲକ ତାଳଗାଁ ଓ ତେଣ୍ଡରା ପଞ୍ଚାୟତରେ ଆଦିବାସୀ ଲୋକକଳା ନୃତ୍ୟ ଓ ଗୀତରେ ବିକାଶର ଝଲକ ଏକ କାର୍ଯ୍ୟକ୍ରମ ବିଡ଼ିଓ ଦେବାଶିଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ ପଞ୍ଚାୟତ ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ



କରିଥିଲେ। ତାଳଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର କାର୍ଯ୍ୟ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୩୫ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ, ୧୩୨୬ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ, ୫୫ଟି ମିଶନ ଶକ୍ତି ମହିଳାଙ୍କୁ ବିନା ସୁଧରେ ଋଣ, ୧୭୩୫ ପରିବାରଙ୍କୁ ରାସନକାର୍ଡ, ୧୦୨ଜଣ ମମତା ଯୋଜନା ସହାୟତା, ଆମ ବ୍ୟାଙ୍କ ଓ ଲକ୍ଷ୍ମୀ ଯୋଜନାରେ ରାଜ୍ୟ ସରକାର ସାମିଲ୍ କରିଥିବା ବିପିଏମ୍ ରଞ୍ଜନ କୁମାର ସାମଲ ଅବଗତ କରିଥିଲେ। କାଣ୍ଡସର ୫-ଟି ହାଇସ୍କୁଲ, ଜାମଦା ବ୍ଲକ ପରିସରରେ ମିଶନ ଶକ୍ତି ଭବନର ନିର୍ମାଣ, ମିଶନ ଶକ୍ତି କେଫେ, ଆଞ୍ଚଳିକ କଲେଜ ତାଳଗାଁର ଉନ୍ନତିକରଣ, ମହିଷକୁଦର ଜାହିରାର ସୌନ୍ଦର୍ଯ୍ୟକରଣ, ଆଦର୍ଶ ଅଙ୍ଗନୱାଡ଼ି କାଣ୍ଡସର ନିର୍ମାଣ ଓ ରକ୍ଷଣାବେକ୍ଷଣ, ଜଳଯୋଗାଣ ପ୍ରକଳ୍ପ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ତାଳଗାଁ ସ୍ଥାପନ ଆଦିର ଉନ୍ନତିକରଣ ହୋଇଥିବା ସରପଞ୍ଚ ଡମ୍ବୁରଧର ହେମ୍ବ୍ରମ ଓ ଗ୍ରାମସେବକ ମୋହିନୀକାନ୍ତ ଗିରି ଲୋକଙ୍କୁ ଅବଗତ କରିଥିଲେ। ସେହିପରି ତେଣ୍ଡରା ପଞ୍ଚାୟତରେ ପ୍ରକଳ୍ପ ପାଇଁ ୫୦ ଲକ୍ଷ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୫୭ ହିତାଧିକାରୀ ଉପକୃତ, ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୫ଲକ୍ଷ ଟଙ୍କା, ୭୭୪ ପରିବାର କାଳିଆ ଯୋଜନାରେ ସାମିଲ୍, ୫୧୦ଜଣଙ୍କୁ ଭତ୍ତା, ୪୧ଟି ମିଶନ ଶକ୍ତିର ମହିଳାଙ୍କୁ ୧୬୨ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ୧୧୮୨ଟି ପରିବାରଙ୍କୁ ରେସନକାର୍ଡ, ୯୦ଜଣଙ୍କୁ ମମତା ଯୋଜନା ଉପରେ ଜାମଦା ବ୍ଲକ ଅଧ୍ୟକ୍ଷ ପ୍ରାଞ୍ଜଳ ଭାବରେ କହିଥିଲେ। ତେଣ୍ଡରା ଗ୍ରାମପଞ୍ଚାୟତକେ ୫-ଟି ସ୍କୁଲ, ଜଳଯୋଗାଣ ପ୍ରକଳ୍ପ, ଜାମଦା-ତେଣ୍ଡରା ରାସ୍ତା ନାଳ ଉପରେ ବିଜୁ ସେତୁ, ଦେଓକୁଣ୍ଡି ଆଶ୍ରମ ବିଦ୍ୟାଳୟରେ ଛାତ୍ରାବାସର ନିର୍ମାଣ ହୋଇଥିବା ଗ୍ରାମସେବକ ଅଭିମନ୍ୟୁ ସର୍ଦ୍ଦାର ସୂଚନା ଦେଇଥିଲେ। ଅଧ୍ୟାପକ ଭଗବାନ ପାଲ୍, ପିଏସ୍ ମେମ୍ବର ସଞ୍ଜିତା ମଣ୍ଡଳ, ବନ ବିଭାଗ ଅଧିକାରୀ ମହାନ୍ତ ବାବୁ, କୃଷି ଅଧିକାରିଣୀ ହ୍ୟୁମନ୍ ଦାସ, ଜିଆରଏସ୍ ରାଧାରାଣୀ ଦତ୍ତ, ସେକ୍ ମୁସ୍ତଫା ଅଲ୍ଲି, ରାମଚନ୍ଦ୍ର ଟୁଡୁ, ଯୋଗାଣ ବିଭାଗର ସୁଜନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପିଏମ୍ ରଞ୍ଜନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ କର୍କଟ ଦିବସରେ ସଚେତନତା ଶୋଭାଯାତ୍ରା

କରଞ୍ଜିଆ, ୫।୨(ସମିସ): ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ କରଞ୍ଜିଆ ବିବେକାନନ୍ଦ ଇନଷ୍ଟିଚ୍ୟୁଟ ଅଫ ହେଲଥ ସାଇନ୍ସର ବିଏସସି ନର୍ସିଂ, ଜିଏନଏମ ଏବଂ ଡିଏମଏଲଟି ବିଭାଗୀୟ ଛାତ୍ରଛାତ୍ରୀମାନେ ସହରରେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଛାତ୍ରଛାତ୍ରୀ ବ୍ୟାନର ଓ ପ୍ଲାକାର୍ଡ ମାଧ୍ୟମରେ କର୍କଟ ରୋଗର ଭୟାବହତା ଏବଂ ଏହାର ନିରାକରଣ ସମ୍ପର୍କରେ ଅବଗତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅଧ୍ୟକ୍ଷ ବିଷ୍ଣୁକୁମାର ଅଗ୍ରୱାଲା, ସଭାପତି ରାଜଦୀପ ବୁବୁନା, ରେଖା ଅଗ୍ରୱାଲା, ସଞ୍ଜୟ ପଣ୍ଡା ପ୍ରମୁଖ ପରିଚାଳନା କରଥିଲେ।

## ମହିଳା କଲେଜରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ



ରାଇରଙ୍ଗପୁର, ୫।୨(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନ ପରିପ୍ରେକ୍ଷୀରେ ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରିଥିଲେ। କଲେଜ ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବିଜୟ କୁମାର ରାମ ମଞ୍ଚ ପରିଚାଳନା କରିଥିଲେ। 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତାର ସଂଯୋଜକ ଡକ୍ଟର ରାଜେନ୍ଦ୍ର ମଣ୍ଡଳ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ମାଲବାହୀ ଟ୍ରକ୍‌ର ବ୍ରେକ୍‌ଫେଲ୍ ହେବାରୁ ସିରିଜ୍ ଦୁର୍ଘଟଣା

# ୩ ଟ୍ରକ୍ କ୍ଷତିଗ୍ରସ୍ତ, ୪ ବାଇକ୍ ଚୂରମାର୍

କେନ୍ଦୁଝର,୫।୨(ସମିସ)



ଜାତୀୟରାଜପଥ ୪୯ରେ କଲିକତା ଆଡ଼କୁ ଯାଉଥିବା ଏକ ଟ୍ରକ୍ ଜୁଡ଼ିଆ ଘାଟି ଓହ୍ଲାଇବା ପରେ କେନ୍ଦୁଝର ଟାଉନ ଥାନା ବୈଦରାଜ ସାହି ଛକ ନିକଟରେ ବ୍ରେକ୍ ଫେଲ ହୋଇଯିବାରୁ ଏକ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ୩ଟି ଟ୍ରକ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪ଟି ବାଇକ୍ ଚୂରମାର ହୋଇଯାଇଛି। ଏହି ସିରିଜ୍ ଦୁର୍ଘଟଣାରେ ରାସ୍ତା ପାଶ୍ୱର୍ରେ ଛିଡା ହୋଇଥିବା ୫ ଜଣ ଲୋକ ଆହତ ହୋଇଥିବା ବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରେ ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଆହତମାନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ଆହତମାନେ ହେଲେ ଘଟଗାଁ ବ୍ଲକ ପୋଇପାଣି ଗ୍ରାମର କୁଳମଣି ମହାନ୍ତ(୬୫), ପାଟଣା ବ୍ଲକ ପାଟନାଳୀ ଗ୍ରାମର ଭାଗବତ ମହାନ୍ତ(୩୫), ଭଦ୍ରକ ଅଞ୍ଚଳର ପ୍ରିୟରଞ୍ଜନ ମହାପାତ୍ର(୪୮), ଶୁଆକାଟୀ ଅଞ୍ଚଳର ଏସ୍‌କେ ଦାନିସ(୧୮) ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଆହତଙ୍କ ମଧ୍ୟରୁ ପ୍ରିୟରଞ୍ଜନ ମହାପାତ୍ର ଓ ଅନ୍ୟଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୋମବାର ସକାଳେ ଡବ୍ଲୁବି-୫୭ ବି ୬୩୩୪ ନମ୍ବର ବିଶିଷ୍ଟ ପିଗ୍ ଆଇରନ ବୋଝେଇ ଟ୍ରକ୍ ସମ୍ବଲପୁର ଆଡୁ ଜାତୀୟ ରାଜପଥ ୪୯ ଦେଇ କେନ୍ଦୁଝର ଦେଇ ଯାଉଥିବା ବେଳେ ଜୁଡିଆ ଘାଟିରେ ବ୍ରେକ୍ ଫେଲ୍ ହୋଇଥିଲା। ଘଟି ତଳକୁ ଆସିବାପରେ ଟ୍ରକ୍‌ଟି ଓଭରବ୍ରିଜ ତଳେ ଏକ ଟ୍ରକ୍‌କୁ ଧକ୍କା ଦେବା ପରେ ବିପରିତ ପାଶ୍ୱର୍ରେ ଥିବା ୨ଟି ଟ୍ରକ୍‌କୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଏହି ସମୟରେ ଟ୍ରକଟି ୪ଟି ବାଇକ୍ ଉପରେ ଚଢ଼ିଯିବାରୁ ଗାଡିଗୁଡିକ ଚୁରମାର ହୋଇଯାଇଛି। ରାସ୍ତାକଡ଼ରେ ଥିବା ଉପରୋକ୍ତ ଲୋକେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବ୍ରେକ୍ ଫେଲ ହୋଇଥିବା ଟ୍ରକର ଚାଳକଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ୨ ଘଣ୍ଟା ଧରି ଯାତାୟତ ଠପ୍ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ହେଲପରକୁ ସ୍ଥାନୀୟ ଲୋକମାନେ ଧରିଥିଲେ। ସହରରେ ଭାରୀଯାନ ଚଳାଚଳ ଉପରେ କଟକଣା ଥିଲେ ମଧ୍ୟ ପୁଲିସ ବିଭାଗର ଉପଯୁକ୍ତ ତଦାରଖ ଅଭାବରୁ ବହୁ ସଂଖ୍ୟାରେ ଟ୍ରକ୍ ରାସ୍ତା ପାଶ୍ୱର୍ରେ ଛିଡା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ହେବା ସହ ଦୁର୍ଘଟଣା ଘଟୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

**୫ ଆହତ; ରାସ୍ତାରେ ୨ ଘଣ୍ଟା ଗମନାଗମନ ବନ୍ଦ**

## ଅପହରଣକାରୀକୁ ୭ ବର୍ଷ ଜେଲ୍

**କେନ୍ଦୁଝର,୫।୨(ସମିସ):** ସୋମବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ଅପହରଣ ମାମଲାର ବିଚାର କରି ଟାଉନ ଥାନା ଅନ୍ତର୍ଗତ ଆଟୋପୁର ଗ୍ରାମର ସିପୁନ ନାଏକ(୨୩) ନାମକ ଜଣେ ଯୁବକକୁ ଏକ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୧୮ ମାର୍ଚ୍ଚ ୨୧ ତାରିଖ ସକାଳ ୭ ଘଟିକା ସମୟରେ ଜଣେ ୧୫ ବର୍ଷିୟା ନାବାଳିକା ତାଙ୍କ ଘରୁ ନିଖୋଜ ହୋଇଯାଇଥିଲା। ଖୋଜାଖୋଜି କରି ନପାଇବାରୁ ନାବାଳିକାର ବାପା ଟାଉନ ଥାନା କେଶ ନଂ ୯୦ ତା ୨୭/୩/୨୦୧୮ ରେ ଲିଖିତ ଅଭିଯୋଗ କରିବା ପରେ ଟାଉନ ଥାନା ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଠାରୁ ନାବାଳିକାକୁ ଉଦ୍ଧାର କରିଥିଲା। ଅଭିଯୁକ୍ତ ନାବାଳିକାକୁ କେଶଦୁରାପାଳ ଓ ଘଟଗାଁ ନିକଟସ୍ଥ ଉପରଡିହାରେ ମନ୍ଦ ଉଦ୍ଦେଶ୍ୟ ରଖିଥିଲା। ଏହାର ବିଚାର କରି ଏବଂ ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଉକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରିଥିଲେ।

## ବଡ଼ ଯାଆକୁ ଆକ୍ରମଣ କରି ସାନ ଯାଆ ଗିରଫ

**ତୁରୁମୁଙ୍ଗା,୫।୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖୁଣ୍ଟାପଡ଼ା ଗ୍ରାମରେ ଗଛ କଟାକୁ କେନ୍ଦ୍ର କରି ବଡ଼ ଯାଆକୁ ଆକ୍ରମଣ କରିଥିବା ଅଭିଯୋଗରେ ସୋମବାର ସାନ ଯାଆକୁ ପାଟଣା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ସାନ ଯାଆ ହେଲେ ଗ୍ରାମର ବୈକୁଣ୍ଠ ମୁଣ୍ଡାଙ୍କ ପତ୍ନୀ ସୁକାନ୍ତି ମୁଣ୍ଡା(୩୬)। ଅଭିଯୋଗ ଅନୁଯାୟୀ ଗତ ଶନିବାର ବଡ଼ ଯାଆ ବୁଦୁନୀ ଜମିରେ ଥିବା ଏକ ଗଛକୁ କାଟି ନେବାରୁ ସାନ ଯାଆ ସୁକାନ୍ତି ଓ ବଡ଼ ଯାଆ ବୁଦୁନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସୁକାନ୍ତି ବଡ଼ ଯାଆ ବୁଦୁନି ମୁଣ୍ଡକୁ ଏକ ଲୁହା ରଡରେ ମାଡ଼ ମାରିଥିଲା। ଫଳରେ ବଡ ଯାଆର ମୁଣ୍ଡ ଫାଟି ଯାଇ ଗୁରୁତର ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ପାଟଣା ଥାନାରେ ଅଭିଯୋଗ ପରେ ପୁଲିସ ୮୮/୨୪ରେ ଏକ ମାମଲା ରୁଜୁ କରି ସାନ ଯାଆକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

## ଗୋଟିଏ ଦିନରେ ହୃଦ୍‌ଘାତରେ ତିନି ମୃତ

**ବଡ଼ବିଲ,୫।୨(ସମିସ):** ଗୋଟିଏ ଦିନରେ ତିନ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ଖବର ବଡ଼ବିଲ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ବଡ଼ବିଲ ବିଜେପିର ପୂର୍ବତନ କାଉନସିଲର ତଥା ବର୍ତ୍ତମାନର ଆଦିବାସୀ ମୋର୍ଚ୍ଚାର ବଡ଼ବିଲ ନଗର ମଣ୍ଡଳ ସଭାପତି ବିଜୟ ନାଏକ (୪୮) ଆଜି ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ଗତ ୪ ତାରିଖ ବିଳମ୍ବିତ ରାତିରେ ହୃଦ୍‌ଘାତରେ ସେ ଗୁରୁତର ହୋଇ ପ୍ରଥମେ ବଡ଼ବିଲ ଡାକ୍ତରଖାନା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଠିକ ସେହିପରି ଆଜି ବିଜେପିର ଜଣେ ବରିଷ୍ଠ ନେତା ତଥା ବଡ଼ବିଲ ଯୁବମୋର୍ଚ୍ଚର ସଭାପତି ପରମଜିତ ସିଂଙ୍କ ବାପା ଗୁରୁଚରଣ ସିଂ(୬୦)ଙ୍କ ମଧ୍ୟ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ସେହିପରି କଳିଙ୍ଗ ଲୁହା କାରଖାନାର ପୂର୍ବତନ କର୍ମଚାରୀ ଉଗ୍ରସେନ ଦାସ (୫୩) ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ କଳିଙ୍ଗ ଅଞ୍ଚଳରେ ରହି ବ୍ୟବସାୟ କରୁଥିବା ବେଳେ ତାଙ୍କର ମଧ୍ୟ ଆଜି ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ବିଜୟଙ୍କ ଘର ନାଳଦା ଅଞ୍ଚଳରେ ହୋଇଥିବାବେଳେ ସ୍ୱର୍ଗତ ସିଂଙ୍କ ଘର ମହାନ୍ତବସ୍ତି ଓ ଉଗ୍ରସେନଙ୍କ ଘର ବଡ଼ବିଲ ପୌରାଞ୍ଚଳର ଝାବର ହଟିଂ ଅଞ୍ଚଳରେ ବୋଲି ଜଣାଯାଇଛି।

## ବିପୁଳ ମଦ ଜବତ

**ଚମ୍ପୁଆ,୫।୨(ସମିସ):** ଅବକାରୀ ଅଧିକ୍ଷକ ପ୍ରବିଣ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଇନିସପେକ୍ଟର ଏଚ୍. ଜଗା ରାଓ, ଓଆଇସି ଜନାର୍ଦ୍ଦନ ପଲେଇ, ଏଏସ୍‌ଆଇ କୃଷ୍ଣ ସେଠୀ, ଏଏସ୍‌ଆଇ ଫୁଲମଣୀ ନାଏକ ପ୍ରମୁଖ ଚମ୍ପୁଆ ରେଞ୍ଜର ହାୟାରପୁର, ଉତମସିଂ ହାଟିଂ, ନିମଟୁର, ବାଘିଆବୁରୁ ହାଟିଂ ଓ ସାଧୁସିଂ ହାଟିଂ ଆଦିରେ ବଡବିଲ ଆବକାରୀ ବିଭାଗ ସହ ମିଶି ମିଳିତ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ଶିବ ଚରଣ ହେମ୍ବ୍ରମ, ଜ୍ୟୋତି ଚୌଧୁରୀ ଓ ସୁନାମଣୀ ଓରାମଙ୍କୁ ଗିରଫ କରିବା ସହ ୨୩୬ ଲିଟର ମହୁଲୀ ମଦ ଏବଂ ୧୫୦୦ କେଜି ମହୁଲ ପଚ ଜବତ କରିଥିଲେ। ଆଗକୁ ଏହି ଚଢାଉ ଜାରି ରହିବ ବୋଲି ଇନିସପେକ୍ଟର ଏଚ୍. ଜଗା ରାଓ ସୂଚନା ଦେଇଛନ୍ତି।

## ଡିକି ଭାଙ୍ଗି ଲୁଟିନେଲେ ୫୦ ହଜାର

**ବାଲିବନ୍ଧ, ୫।୨ (ସମିସ):** ସୋମବାର ମଧ୍ୟାହ୍ନ ସମୟରେ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ଲୁଟିନେଲେ ୫୦ ହଜାର ଟଙ୍କା। ଝୁମ୍ପୁରା ଥାନା ଅଧୀନସ୍ଥ ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଘଟଣା ଘଟିଥିବା ଝୁମ୍ପୁରା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଝୁମ୍ପୁରା ଥାନା ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତ ଖେଣ୍ଡରା ଗ୍ରାମର ଅଜୟ କୁମାର ଦାସଙ୍କ ପୁଅ ସିପୁନ ଦାସ (୨୩ବର୍ଷ) ବ୍ୟାଙ୍କ ଅଫ୍ ଇଣ୍ଡିଆ ଝୁମ୍ପୁରା ଶାଖରୁ ୫୦ ହଜାର ଟଙ୍କା ଉଠାଣ କରିଥିଲେ। ଉକ୍ତ ଟଙ୍କାକୁ ନିଜ ବାଇକ (ଓଆର୦୯ ଏଲ ୨୯୩୪) ଡିକିରେ ରଖିଥିଲେ। ସିପୁନ କୌଣସି କାମ ନେଇ ଝୁମ୍ପୁରା ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ନିକଟରେ ବାଇକ ଛିଡା କରି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। କାର୍ଯ୍ୟ ସାରି ବାଇକ୍ ନିକଟକୁ ଆସି ଦେଖିଲା ବେଳେକୁ ବାଇକ୍ ଡିକି ଭାଙ୍ଗି କୌଣସି ଦୁର୍ବୃତ୍ତ ସବୁତକ ଟଙ୍କା ଲୁଟି ନେଇଛି। ସିପୁନ ସଙ୍ଗେ ସଙ୍ଗେ ଯାଇ ଝୁମ୍ପୁରା ଥାନାରେ ଅଭିଯୋଗ କରିଥିଲା। ପୁଲିସ ଘଟଣାରସ୍ଥଳରେ ପହଞ୍ଚି ପାରିପାଶ୍ୱରିକ ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି।

● ଯାତ୍ରା ସୁଯୋଗ ନେଇ ଘରୁ ଡକାୟତି

## ୫୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟ୍

**ହାଟଡ଼ିହୀ,୫।୨(ସମିସ):** କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ମଠକପୁଣ୍ଡି ଗ୍ରାମର ସନାତନ ମୁଦୁଲିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫୦ହଜାର ଟଙ୍କା ଡକାୟତି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଗତକାଲି ରାତିରେ ଅପେରା ଚାଲିଥିଲା ବେଳେ ଘରର ସମସ୍ତ ସଦସ୍ୟ ଯାତ୍ରା ଦେଖିବାକୁ ଯାଇଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ସନାତନଙ୍କ ଘରର ବାମପାଶ୍ୱର୍ ତଥା ତାଙ୍କ ଶୋଇବା ଘର କାନ୍ଥ ପାଖ ଝରକା ଗ୍ରୀଲ୍ ତାଡ଼ି ଘରେ ପଶିଥିଲେ। ସେମାନେ ଆଲ୍‌ମିରା ଲକର୍ ଭାଙ୍ଗି ୪ଭରି ଓଜନର ୨ଟି ଚେନ୍, ୩ ଭରି ଓଜନର ଗୋଟିଏ ହାର, ୧୦ଗ୍ରାମ ଓଜନର ୨ଟି ହାତ ମୁଦି, ୨ଭରି ଓଜନର ୨ହଳ ସୁନା ଶାଙ୍ଖି, ୨ଭରି ଓଜନର ୪ହଳ ସୁନା କାନଫୁଲ, ୨୦ଭରି ଓଜନର ୨ହଳ ରୂପା ପାଉଁଜି ସହ ନଗଦ ୫୦ହଜାର ଟଙ୍କା ଲୁଟି ନେଇଥିଲେ। ଭୋର୍ ସମୟରେ ଅପେରା ଦେଖି ଘରକୁ ଫେରିବା ପରେ ଝରକା ଖୋଲାଥିବାର ଦେଖିବାକୁ ପାଇଥିଲେ ପରିବାର ଲୋକେ। ଘର କବାଟ ଖୋଲି ଦେଖିବାରୁ ଆଲମିରା ଖୋଲା ପଡ଼ିଥିବା ବେଳେ ସମସ୍ତ ସୁନାରୂପା ଅଳଙ୍କାର ଏବଂ ନଗଦ ପଚାଶ ହଜାର ଟଙ୍କା ଡକାୟତି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସନାତନ ନନ୍ଦିପଦା ଥାନାରେ ଅଭିଯୋଗ କରିଥିବା ଚୋରି ସମ୍ପର୍କରେ କୌଣସି ସୁରାକ ମିଳିନାହିଁ। ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି।

● ଜଳଖିଆ ଦୋକାନରେ ହାଇୱା ପଶିବା ଘଟଣା

## କ୍ଷତିପୂରଣ ଦାବିରେ ଗାଡ଼ି ଆଗରେ ଧାରଣା



**ସୋସୋ,୫।୨(ସମିସ):** ହାଟଡିହି ବ୍ଲକର ଆନନ୍ଦପୁର-ଭଦ୍ରକ ୫୩ ନଂ.ରାଜ୍ୟ ରାଜପଥର ହାଟଡିହି ବ୍ଲକ ମରେଇଗାଁ-ବସନ୍ତିଆ ଛକ ମଝିରେ ଗତ ୩ ତାରିଖ ରାତିରେ ବାଲି ବୋଝେଇ ହାଇୱା ଗାଡିଟି ଭାରସାମ୍ୟ ହରାଇ କିଶୋର ଭୋଳଙ୍କ ଜଳଖିଆ ଦୋକାନରେ ପଶିଯାଇ ଦୋକାନ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଦେବା ସହିତ ଘର ଭିତରେ ଥିବା ସୋ'କେସ୍, ଦୁଇଟି ଫ୍ରିଜ୍ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ କରିଦେଇଥିଲା। ଯାହାକି ଲକ୍ଷାଧିକ ଟଙ୍କାର ଘର ଓ ସମ୍ପତି ଭାଙ୍ଗିଯାଇ ଚୁରମାର ହୋଇଯାଇଥିଲା। ଏହାକୁ ନେଇ କିଶୋର ଭୋଳ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୋମବାର ଗାଡିଟିକୁ ଉଠାଇ ଥାନାକୁ ଆଣିବାକୁ ପ୍ରୟାସ କରୁଥିଲେ। ତେବେ ଦୋକାନ ମାଲିକ ଓ ତାଙ୍କ ଧର୍ମପତ୍ନୀ ନଷ୍ଟ ହୋଇଥିବା ଘର ଓ ଦୋକାନର ସାମଗ୍ରୀର କ୍ଷତିପୂରଣ ଦେବାକୁ ଦାବିକରି ଗାଡ଼ି ଆଗରେ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ ଦୋକାନ ମାଲିକ ଦୋକାନର ବେପାର କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଘର ଓ ଦୋକାନର ସମସ୍ତ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ସେ ଏବେ ବେସାହାରା ହୋଇପଡିଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ନନ୍ଦିପଦା ପୁଲିସ ଦୋକାନ ମାଲିକ ଓ ପରିବାର ସଦସ୍ୟଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ କ୍ଷତିପୂରଣ ଦାବିରେ ଅଟଳ ରହି ଖବର ଲେଖିବା ପର୍ଯ୍ୟନ୍ତ ଦୋକାନ ମାଲିକ ଧାରଣାରେ ବସିଛନ୍ତି।

## ବନ ସୁରକ୍ଷା ସମିତିର ସାଧାରଣ ବୈଠକ




**ତେଲକୋଇ,୫।୨(ସମିସ):** କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶ କ୍ରମେ ବନଖଣ୍ଡର ସମସ୍ତ ବନ ସୁରକ୍ଷା ସମିତିରେ ଜଙ୍ଗଲର ସୁରକ୍ଷାକୁ ଦୃଷ୍ଟିରେ ରଖି ଜନସଧାରଣଙ୍କୁ ସଚେତନ କରାଇବା ସହ ଜଙ୍ଗଲ ମଧ୍ୟରେ ଠେଙ୍ଗାପାଳି କରି ସୁରକ୍ଷା ଦେବା। ଏହି ଅବସରରେ ତେଲକୋଇ ବାନାଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ସହଯୋଗରେ ତେଲକୋଇ ବନାଞ୍ଚଳ ଅନ୍ତର୍ଗତ ବାଲିସାହି ବନ ବିଭାଗ ସମିତିର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଲୋକମାନେ ସଚେତନ ଥିଲେ ମଧ୍ୟ ପୁନର୍ବାର ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିସାହି ଗ୍ରାମବାସୀ ଆକୁଣ୍ଠ ସମର୍ଥନ ଦେଖିବାକୁ ମିଳି ଥିଲା ବୋଲି ବନାଚଳ ଅଧିକାରୀ ପ୍ରକାଶ କରିଛନ୍ତି। ସେହିପରି ଆଜି ଠାରୁ ମଧ୍ୟ ସେମାନେ ଠେଙ୍ଗାପାଳି କରି ଜଙ୍ଗଲର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଉଥିବା ପରିଲକ୍ଷିତ ହୋଇଛି। ଏଥିରେ ଗ୍ରାମର ସଭପତି ବିଜୟ କୁମାର ମୁଣ୍ଡା, ୱାର୍ଡ ମେମ୍ବର ବିନୋଦ ମୁଣ୍ଡା, ଲଦୁରା ମୁଣ୍ଡା, ବିକ୍ରମ ମୁଣ୍ଡା, ସନ୍ତୋଷ ମୁଣ୍ଡା, ଶଙ୍କର ମୁଣ୍ଡା, ଲକ୍ଷ୍ମୀଧର ମୁଣ୍ଡା, ଚନ୍ଦ୍ରମଣି ମୁଣ୍ଡା ସମେତ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ। ଏହି କାର୍ଯ୍ୟକ୍ରମରେ ତେଲକୋଇ ବନପାଳ, ବନରକ୍ଷି ଓ ଏନଜିଓର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଦୁଇ ମହିଳାଙ୍କ ପରଲୋକ

**ସୋସୋ,୫।୨(ସମିସ):** ହାଟଡିହି ବ୍ଲକ ସଢା ପଞ୍ଚାୟତ ମିଠିଗାଁ ଗ୍ରାମର ସ୍ୱର୍ଗତ ଗୟାଧର ରାଉତଙ୍କ ଧର୍ମପତ୍ନୀ ଏବଂ ସମାଜସେବୀ ବିଜୟରାଉତଙ୍କ ମାଆ ମାଳତିଲତା ରାଉତ(୮୩)ଙ୍କର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ପରପୋକାରୀ ଭାବେ ପରିଚିତ। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ଏହି ସମୟରେ ଅନ୍ୟ ପୁଅ ବୋହୂ ଉପସ୍ଥିତ ରହିଥିଲେ।

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବଞ୍ଚୋ ଗ୍ରାମ ତଥା ହାଟଡ଼ିହୀ ବିକାଶ ପରିଷଦର ସଭାପତି ପଦ୍ମନାଭ ଜେନାଙ୍କ ମାଆ ଚମ୍ପାବତୀ ଜେନା(୭୫)ଙ୍କ ବିୟୋଗରେ ପରିବାର ସହ ବନ୍ଧୁପ୍ରିୟଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଚମ୍ପାବତୀ ଜଣେ ମିଷ୍ଟଭାଷୀ ଓ ମେଳାପୀ ସ୍ୱଭାବର ମହିଳା। ଚମ୍ପାବତୀଙ୍କ ଶେଷ ସମୟ ବେଳେ ତାଙ୍କ ପାଖରେ ପୁଅ ବୋହୂ, ଝିଅ ଜ୍ୱାଇଁ, ପୁତୁରା ଝିଆରୀ, ନାତି ନାତୁଣୀଙ୍କ ସହ ସମସ୍ତେ ପରିବାର ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

## ତୁଳସୀ ମୁଣ୍ଡାଙ୍କୁ ସମ୍ବର୍ଦ୍ଧନା

**ବଡ଼ବିଲ,୫।୨(ସମିସ):** ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ କେନ୍ଦୁଝର ଜିଲ୍ଲା, ସେରଣ୍ଡା ପଞ୍ଚାୟତର ସମାଜସେବୀ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମାଜସେବୀ ତଥା ଆଦିବାସୀ ବିକାଶ ସମିତିର ସଭାନେତ୍ରୀ ଦମୟନ୍ତୀ ସାମଲ, ବଡ଼ବିଲ ପ୍ରେସ କ୍ଲବ ସଭାପତି ସୁବୋଧ ଦାସ, ସଦସ୍ୟ ଦେବକାନ୍ତ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉତ୍ତରୀୟ ଓ ମାନପତ୍ର ଦେଇ ପଦ୍ମଶ୍ରୀ ତୁଳସୀ ଅପା ଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ତୁଳସୀ ଅପା ପ୍ରଶଂସା କରି ଓଡ଼ିଆ ଭାଷାକୁ ନେଇ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରିଥିବା ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ।



## ଗୁଆଲଡିହି-ଗନ୍ଧମାର୍ଦ୍ଦନ ରେଳ ପ୍ରକଳ୍ପକୁ ବିରୋଧ

**କେନ୍ଦୁଝର,୫।୨(ସମିସ):** କେନ୍ଦୁଝର ଜିଲ୍ଲାର ଗୁଆଲଡିହି ଠାରୁ ଗନ୍ଧମାର୍ଦ୍ଦନ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପକୁ କେନ୍ଦୁଝରର ସାଧାରଣ ଟ୍ରକ୍ ମାଲିକମାନେ ବିରୋଧ କରିଛନ୍ତି। ଏହି ପ୍ରକଳ୍ପରୁ ନ ଓହରିଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏହି ପ୍ରକଳ୍ପ ସଂଯୋଗ ପାଇଁ କେନ୍ଦ୍ର ବଜେଟରେ ୨୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଟ୍ରକ୍ ମାଲିକ ଏହାକୁ ବିରୋଧ କରିଛନ୍ତି। ଟ୍ରକ୍ ମାଲିକଙ୍କ ଅଭିଯୋଗ ଅନୁସାରେ କେନ୍ଦୁଝର ଜିଲ୍ଲାର ଭାତହାଣ୍ଡି କହିଲେ ଗନ୍ଧମାର୍ଦ୍ଦନ ଲୌହ ଖଣିକୁ ବୁଝାଏ। ଗରିବ ଗାଡି ମାଲିକ ନିଜର ପରିବାର ପ୍ରତିପୋଷଣ ପାଇଁ ଋଣ କରି ଖଣ୍ଡିଏ ଟ୍ରକ୍ କିଣି ବ୍ୟବସାୟ ଆରମ୍ଭ କରିଥିବା ବେଳେ ଏହି ଖଣିରୁ ଟ୍ରକରେ ଖଣିଜ ପରିବହନ କରି ନିଜର ପରିବାର ପ୍ରତିପୋଷଣ କରିଥାଏ। ଟ୍ରେନ୍ ଲାଇନ ସଂଯୋଗ ହେଲେ ଚା' ଦୋକାନ ଠାରୁ ଆରମ୍ଭ କରି ହୋଟେଲ, ମୋଟର ଗ୍ୟାରେଜ, ବିଭିନ୍ନ ପାର୍ଟ ଦୋକାନ, ଟାୟାର, ଚାଷୀ ବ୍ୟବସାୟୀ ଆଦିଙ୍କ ଜୀବନ ଜୀବିକା ପ୍ରଭାବିତ ହେବା ସମ୍ଭାବନା ଥିବା ସେମାନେ କହିଛନ୍ତି। ଏହା ଉପରେ ନିର୍ଭରକରି ପ୍ରାୟ ୧୦ ହଜାର ଟ୍ରକ୍ ଚାଲିଥିବା ବେଳେ ପ୍ରତ୍ୟକ୍ଷ ପରୋକ୍ଷରେ ୩୦ ହଜାର ପରିବାରଙ୍କ ଜୀବନ ଜୀବିକା ପ୍ରଭାବିତ ହେବା ସହିତ ପରୋକ୍ଷ ଭାବେ ୨ ଲକ୍ଷ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଟ୍ରକ ମାଲିକ କହିଛନ୍ତି। ଅପର ପକ୍ଷରେ କେନ୍ଦ୍ର ସରକାର ବଜେଟରେ ରଖିଥିବା ୨୦ କୋଟି ଟଙ୍କାରେ ଗୁହାଲଡିହି-ଶୁଆକାଟି (ଗନ୍ଧମାର୍ଦ୍ଦନ) ପର୍ଯ୍ୟନ୍ତ ରେଳ ପ୍ରକଳ୍ପ କରି ଟ୍ରକ୍ ମାଲିକଙ୍କ ପେଟକୁ ନାତ ମାରିବା ବଦଳରେ ସେହି ପଇସାରେ ସେଠାରେ ଏକ ଜାତୀୟ ରାଜପଥ ନିର୍ମାଣ କରି ଗନ୍ଧମାର୍ଦ୍ଦନରୁ ଗୁହାଲଡ଼ିହି ପର୍ଯ୍ୟନ୍ତ ଟ୍ରକ୍‌ରେ ଖଣିଜ ପରିବହନ କରିବାର ବ୍ୟବସ୍ଥା କଲେ ଭଲ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସେମାନେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଟ୍ରକ ମାଲିକ ସଙ୍ଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପୂର୍ବତନ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବାରିକ, ପୂର୍ବତନ କୋଷାଧ୍ୟକ୍ଷ ପ୍ରଭାତ କୁମାର ରାଉତ, ପୂର୍ବତନ ମେମ୍ବର ପୂର୍ଣ୍ଣଚନ୍ଦ୍ର ସାହୁ, ଆୟସକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ନିଜର ମତାମତ ପ୍ରଦାନ କରିଥିଲେ।



## ନାବାଳକ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ଭାଇ ସହ ଅଭିଯୁକ୍ତ ଭିଣୋଇ ଗିରଫ

ଯୋଡା,୫।୨(ସମିସ)



ଯୋଡା ଥାନା ଅନ୍ତର୍ଗତ କୋହ୍ଲ ହୁଣ୍ଡୁଳାରେ ଗତ ଜାନୁଆରୀ ୧୫ ତାରିଖରେ ହୋଇଥିବା ନାବାଳକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଘଟଣାରେ ସଂପୃକ୍ତ କୋହ୍ଲ ହୁଣ୍ଡୁଳା ଗାଁର ଦୁଇ ଭାଇଙ୍କୁ ଗିରଫ କରିଛି ଯୋଡ଼ା ପୁଲିସ। ଏମାନେ ହେଲେ ମୃତ ନାବାଳକ ଶୁକଦେବ ଲାଗୁରୀଙ୍କ ଭିଣୋଇ ରାମଜାନ ମୁଣ୍ଡା ଓ ତାଙ୍କ ଭାଇ ଜଙ୍କ ମୁଣ୍ଡା। ଖବର ମୁତାବକ, ରାମଜାନ ୪ ବର୍ଷ ତଳେ ଜାମୁକୁଣ୍ଡିଆର ଶୁକଦେବ ଲାଗୁରୀଙ୍କ ବଡ଼ ଭଉଣୀ ସୁକ୍ରୁମଣିକୁ ବିବାହ କରିଥିଲେ। ତେବେ ମାତ୍ର ଗୋଟିଏ ବର୍ଷ ପରେ ସେ ସୁକ୍ରୁମଣିକୁ ଛାଡ଼ି ଦେଇଥିଲେ। ଯାହାକୁ ନେଇ ଉଭୟ ପରିବାର ମଧ୍ୟରେ ଅସନ୍ତୋଷ ଲାଗିରହିଥିଲା। ଗତ ୧୫ ତାରିଖ ସନ୍ଧ୍ୟାରେ ଶୁକଦେବ ନିକଟସ୍ଥ କୋହ୍ଲ ହୁଣ୍ଡୁଳା ଗାଁରେ ହେଉଥିବା ମକର ମେଳା ଦେଖିବାକୁ ଯାଇଥିଲା ବେଳେ ସେଠାରେ ଭିଣୋଇ ରାମଜାନ ମୁଣ୍ଡାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଉଭୟ ମିଶି ସେଠାରେ ହାଣ୍ଡିଆ ମଧ୍ୟ ପିଇଥିଲେ। ତେବେ ରାମଜାନ ସୁକ୍ରୁମଣିକୁ ଛାଡ଼ିଦେବା ନେଇ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ପରେ ରାମଜାନ ସେଠାକୁ ନିଜ ସାନଭାଇ ଜଙ୍କ ମୁଣ୍ଡାକୁ ଡାକିଥିଲେ। ଉଭୟ ଭାଇ ମିଶି ଶୁକଦେବକୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ପାଖରେ ଥିବା ଏକ ପୋଲ ତଳକୁ ଡାକିନେଇ ନିସ୍ତୁକ ମାଡ଼ ମାରି ଚେତାଶୂନ୍ୟ ଅବସ୍ଥାରେ ଫିଙ୍ଗି ଚାଲିଯାଇଥିଲେ। ତେବେ ଏତିକିରେ ସେମାନଙ୍କ ରାଗ ଶାନ୍ତ ନହେବାରୁ ପାଖାପାଖି ଅଧଘଣ୍ଟା ପରେ ପୁନର୍ବାର ସେମାନେ ସେଠାକୁ ଫେରି ଅମାନୁଷିକ ଭାବେ ପଥରରେ ଛେଚି ଶୁକଦେବକୁ ହତ୍ୟା କରିଥିଲେ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛା। ମୃତକଙ୍କ ବଡ଼ଭାଇ ମଥୁରା ଲାଗୁରୀ ଘଟଣାର ପରଦିନ ୧୬ ତାରିଖରେ ଦେଇଥିବା ଏତଲାକୁ ଆଧାରକରି ତଦନ୍ତକାରୀ ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ଘଟଣାର ଖୋଳତାଡ କରିବା ପରେ ଅଭିଯୁକ୍ତ ଭିଣୋଇ ରାମଜାନକୁ ସୁନ୍ଦରଗଡ ଜିଲା କୋଇଡା ଅଞ୍ଚଳରୁ ପୁଲିସ ଗିରଫ କରିଥିଲାବେଳେ, ସାନ ଭାଇ ଜଙ୍କକୁ କୋହ୍ଲ ହୁଣ୍ଡୁଳାରୁ ଗିରଫ କରିବାରେ ସକ୍ଷମ ହୋଇଛି। ଉଭୟଙ୍କୁ ସୋମବାର ଗିରଫ କରି କେଶ ନଂ୬୩/୨୪ରେ କୋର୍ଟଚାଲାଣ କରାଯାଇଥିବା ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ଲୋକେଶ ସାହୁ ସୂଚନା ଦେଇଛନ୍ତି।

